୫-୧୧ ଅକ୍ଟୋବର, ୨୦୨୫

ରବିବାର
ସକାଳ
THE SAKALA

# ସିନ୍ଦୁରା





## ପୂଜା ସିନେମା







ଓଡ଼ିଆ ସିନେମା ଓ ଦଶହରାର ସଂପର୍କ ନିବିଡ଼ । ପ୍ରତିବର୍ଷ ପାର୍ବଣରେ ଏକାଧିକ ଓଡ଼ିଆ ଚଳଚ୍ଚିତ୍ର ମୁକ୍ତି ଲାଭ କରିଥାଏ । ତେଣୁ ଏହି ସମୟକୁ ଅପେକ୍ଷା ଥାଆନ୍ତି ଦର୍ଶକମାନେ । ପ୍ରତିଟି ସିନେପ୍ରେମୀଙ୍କ ମନରେ ଥାଏ ଦଶହରା ସମୟରେ ଓଡ଼ିଆ ସିନେମା ଦେଖିବୁ । ତେଣୁ ପୂଜାକୁ ଦୃଷ୍ଟିରେ ରଖି ସିନେ ନିର୍ମାତା ଓ ନିର୍ଦ୍ଦେଶକମାନେ ମଧ୍ୟ ଫିଲ୍ମ ରିଲିଜ୍ କରିଥାନ୍ତି । ଦର୍ଶକଙ୍କ ହୃଦୟକୁ ଜିଣିବା ପାଇଁ ପ୍ରଯୋଜକ, ନିର୍ଦ୍ଦେଶକ, କଳାକାର, ଟେକ୍ନିସିଆନ୍ ସମସ୍ତେ ମିଶି ଚଳଚ୍ଚିତ୍ରକୁ ଆକର୍ଷଣୀୟ କରିବା ପାଇଁ ଲାଗି ପଡ଼ିଥାନ୍ତି । ତେବେ ଗଭୀର ନିଷ୍ଠା, ଅକ୍ଳାନ୍ତ ପରିଶ୍ରମ, ବିଗ୍ ବଜେଟ୍ ସତ୍ତ୍ୱେ କିଛି ସିନେମା ହିଟ୍, ଆଉ କିଛି ଫ୍ଲପ୍ ହୋଇଥାଏ । ଚଳିତ ବର୍ଷ ଦଶହରାରେ ‘ଚାରିଧାମ’ ଓ ‘ଚ୍ୟାଲେଞ୍ଜ’ ଦୁଇଟି ଚଳଚ୍ଚିତ୍ର ରିଲିଜ୍ ହୋଇଥିଲା । ‘ଚାରିଧାମ’ରେ ଅନୁଭବ ଓ ଅନୁରାଧା ଏବଂ ‘ଚ୍ୟାଲେଞ୍ଜ’ରେ ଅର୍ଦ୍ଧେନ୍ଦୁ-ଏଲିନାଙ୍କ ସମେତ ଅନେକ ଜଣାଶୁଣା କଳାକାର ଅଭିନୟ କରିଛନ୍ତି । ଉଭୟ ଫିଲ୍ମର କାହାଣୀ, ଗୀତ, ଫାଇଟିଂ, କଳାକାରଙ୍କ ଅଭିନୟକୁ ନେଇ ଦର୍ଶକଙ୍କ ଭିତରେ ଚର୍ଚ୍ଚା ଲାଗି ରହିଛି । ସେପଟେ କେଉଁ ଚଳଚ୍ଚିତ୍ର ଅଧିକ ଦିନ ଧରି ପ୍ରେକ୍ଷାଳୟରେ ରାଜ୍ କରିବ, କେଉଁ ଫିଲ୍ମ ହିଟ୍ ହେବ, କାହାକୁ ମିଳିବ ବ୍ୟାବସାୟିକ ସଫଳତା- ତାକୁ ନେଇ ସିନେ ସମୀକ୍ଷକମାନଙ୍କ ଭିତରେ ଆଲୋଚନା ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଦଶହରାରେ ଓଡ଼ିଆ ସିନେମା ରିଲିଜ ପରମ୍ପରାକୁ ନେଇ ଏଥର ‘ସିନ୍ଦୂରା’ର ସ୍ୱତନ୍ତ୍ର ଉପସ୍ଥାପନା: **ପୂଜା ସିନେମା**

**ପ୍ରସ୍ତୁତି ‘ସକାଳ’ ବ୍ୟୁରୋ**




## କେମିତି କଟିବ ସପ୍ତାହ

**ମେଷ**
ରବି, ସୋମବାରରେ ଦୀର୍ଘଦିନର ଉଦ୍ଦେଶ୍ୟ ପୂର୍ଣ୍ଣ ହେବ । ମଙ୍ଗଳବାରରେ ଉତ୍ସବରେ ଯୋଗଦେଇ ପାରନ୍ତି । ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ପଦୋନ୍ନତି ମିଳିପାରେ । ଶୁକ୍ର, ଶନିବାରରେ ପାରିବାରିକ ଜୀବନରୁ ସମସ୍ୟା ଦୂରେଇ ଯିବ । ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ମନୋନିବେଶ କରିବେ ।

**ବୃଷ**
ରବି, ସୋମବାରରେ କିଛିଟା ଉତ୍ତେଜନା ଭିତରେ କାର୍ଯ୍ୟ ତୁଲାଇବେ । ମଙ୍ଗଳବାର ଦୂରଯାତ୍ରା କରିପାରନ୍ତି । ବୁଧ, ଗୁରୁବାରରେ ବିଭିନ୍ନ କ୍ଷେତ୍ରରେ ଅର୍ଥପ୍ରାପ୍ତି ଯୋଗ ରହିଛି । ଶୁକ୍ର, ଶନିବାରରେ ଉଚ୍ଚ ସମ୍ମାନର ଅଧିକାରୀ ହୋଇପାରନ୍ତି । ପଡ଼ୋଶୀଙ୍କ ସହ ସମ୍ପର୍କରେ ନିବିଡ଼ତା ବଢ଼ିବ ।

**ମିଥୁନ**
ରବି, ସୋମବାରରେ ମାନସିକ ଚାପରେ ରହିପାରନ୍ତି । ମଙ୍ଗଳବାରରେ ଜୀବନସାଥୀଙ୍କ ସହ ଦୂରସ୍ଥାନକୁ ଯାତ୍ରା । ବୁଧ, ଗୁରୁବାରରେ ଚାକିରିଆମାନେ କଠିନ ପରିଶ୍ରମର ଫଳ ପାଇବେ । ଶୁକ୍ର, ଶନିବାରରେ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ଦେଖା ଦେଇପାରେ ।

**କର୍କଟ**
ରବି, ସୋମବାରରେ କୌଣସି ଖବର ପାଇ ଆନନ୍ଦିତ ହୋଇପାରନ୍ତି । ମଙ୍ଗଳବାରରେ ଛାତ୍ରଛାତ୍ରୀମାନେ ଅଧ୍ୟୟନରେ ଭଲ ଫଳାଫଳ ପାଇବେ । ବୁଧ, ଗୁରୁବାରରେ ବିବାହିତଙ୍କ ଜୀବନରେ ସୁଖ ଦେଖାଦେବ । ଶୁକ୍ର, ଶନିବାରରେ ଜୀବନରେ ନୂତନ ପରିବର୍ତ୍ତନ ଦେଖାଦେଇ ପାରେ ।

**ସିଂହ**
ରବି, ସୋମବାରରେ କିଛି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି । ମଙ୍ଗଳବାରରେ ଅତ୍ୟଧିକ ଚିନ୍ତା କରି କଷ୍ଟ ପାଇପାରନ୍ତି । ବୁଧ, ଗୁରୁବାରରେ ଆଶାନୁସାରେ ଅଧିକ ଲାଭ ପାଇବେ । ଶୁକ୍ର, ଶନିବାରରେ କାର୍ଯ୍ୟକୁ ଧ୍ୟାନର ସହ କରନ୍ତୁ । ଜୀବନରେ ଭିନ୍ନ ମୋଡ଼ ଦେଖାଦେବ ।

**କନ୍ୟା**
ରବି, ସୋମବାରରେ ବିଭିନ୍ନ କ୍ଷେତ୍ରରେ ପ୍ରଶଂସିତ ହେବେ । ମଙ୍ଗଳବାରରେ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି ପାଇବାକୁ ଲାଗିବ । ବୁଧ, ଗୁରୁବାରରେ କର୍ମକ୍ଷେତ୍ରରେ ଆପଣଙ୍କ ମତାମତ ରଖିବାର ମଉକା ପାଇବେ । ଶୁକ୍ର, ଶନିବାରରେ ଅଯଥା ଝାମେଲାରୁ ନିଜକୁ ଦୂରେଇ ରଖନ୍ତୁ ।

**ତୁଳା**
ରବି, ସୋମବାରରେ ଅର୍ଥଚିନ୍ତା ଲାଗିରହିବ । ମଙ୍ଗଳବାରରେ କର୍ମକ୍ଷେତ୍ରରେ ଶତ୍ରୁବୃଦ୍ଧି ହୋଇପାରନ୍ତି । ବୁଧ, ଗୁରୁବାରରେ କାର୍ଯ୍ୟସଫଳ, ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଶୁକ୍ର, ଶନିବାର ଦୀର୍ଘ ଦିନର ସ୍ୱପ୍ନ ସାକାର ହେବା ସହ ସୁଖୀ ଜୀବନ କଟାଇବେ ।

**ବିଛା**
ରବି, ସୋମବାରରେ କାର୍ଯ୍ୟସିଦ୍ଧି, ସୁଖ ସମ୍ମାନ ପ୍ରାପ୍ତି ହେବ । ମଙ୍ଗଳବାରରେ ସନ୍ତାନମାନଙ୍କ ପାଇଁ ଚିନ୍ତିତ ରହିବେ । ବୁଧ, ଗୁରୁବାରରେ ଆୟ ବୃଦ୍ଧି ପାଇବ । ଭବିଷ୍ୟତ ପାଇଁ ଯୋଜନା କରିବେ । ଶୁକ୍ର, ଶନିବାରରେ ପରିବାର ମଧ୍ୟରେ ତିକ୍ତତା ଦେଖାଦେଇପାରେ । ବ୍ୟବସାୟ ମାନ୍ଦା ରହିବେ ।

**ଧନୁ**
ରବି, ସୋମବାରରେ ସଫଳତା ପାଇଁ ଆନନ୍ଦିତ ହେବେ । ମଙ୍ଗଳବାରରେ ମୂଲ୍ୟବାନ ବସ୍ତୁ କ୍ରୟ କରି ପାରନ୍ତି । ବୁଧ, ଗୁରୁବାରରେ କ୍ରୋଧ ଉପରେ ନିୟନ୍ତ୍ରଣ ରକ୍ଷା କରନ୍ତୁ । ଶୁକ୍ର, ଶନିବାରରେ ବିଗତ କଥାକୁ ଚିନ୍ତାକରି କଷ୍ଟ ପାଇପାରନ୍ତି ।

**ମକର**
ରବି, ସୋମବାରରେ ଭୂସମ୍ପତ୍ତି କ୍ରୟ କରିବାର ଯୋଗ ରହିଛି । ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ମଙ୍ଗଳବାରରେ ଦାମ୍ପତ୍ୟ ଜୀବନ ସୁଖମୟ ରହିବ । ବୁଧ, ଗୁରୁବାରରେ ଛାତ୍ରଛାତ୍ରୀମାନେ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ ସହକର୍ମୀଙ୍କ ସହଯୋଗ ପାଇ ଆଗକୁ ବଢ଼ିବେ ।

**କୁମ୍ଭ**
ରବି, ସୋମବାରରେ ଅଯଥା ଖର୍ଚ୍ଚ କରି ମାନସିକ ଅଶାନ୍ତି ପାଇପାରନ୍ତି । ମଙ୍ଗଳବାରରେ ଅକସ୍ମାତ୍ ବନ୍ଧୁ ଆଗମନ ହୋଇପାରେ । ବୁଧ, ଗୁରୁବାରରେ କୌଣସି କଥାକୁ ନେଇ ପରିବାରରେ ଆଲୋଚନା ଲାଗି ରହିବ । ଶୁକ୍ର, ଶନିବାରରେ ପରିଶ୍ରମ କରି ସଫଳ ହେବେ ।

**ମୀନ**
ରବି, ସୋମବାରରେ ଶାରୀରିକ ସମସ୍ୟା ଆପଣଙ୍କୁ ବ୍ୟଥିତ କରିପାରେ । ମଙ୍ଗଳବାରରେ ଉଚ୍ଚ ପଦବି ପାଇବାକୁ ସକ୍ଷମ ହେବ । ବୁଧ, ଗୁରୁବାରରେ ବ୍ୟବସାୟୀଙ୍କ ପାଇଁ ସମୟ ଭଲ ଅଟେ । ଶୁକ୍ର, ଶନିବାରରେ ପରିବାରର ସମର୍ଥନ ପାଇବେ, ଯାହା ଜୀବନରେ ସୁଖଶାନ୍ତି ବୃଦ୍ଧି କରିବ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com





ରଜ ସରୁ ସରୁ ସିନେମା ବଜାରରେ ଟୁଂପୁରୁ ଟାପୁରୁ ଆରମ୍ଭ ହୋଇଯାଏ, ପ୍ରଯୋଜକମାନଙ୍କ ଭିତରେ ଅଙ୍କ କଷା ଚାଲେ । ଅଭିନେତା, ଅଭିନେତ୍ରୀ, ପ୍ରଯୋଜକ, ନିର୍ଦ୍ଦେଶକ, ବିତରକ, ସିନେମା ଶିଳ୍ପ ସହ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କଠୁ ନେଇ ଦର୍ଶକଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମନରେ ଗୋଟେ କଥା ଜାଣିବାର ଉତ୍କଣ୍ଠା ଥାଏ କି ଏଥର ଦଶହରାରେ କାହାର ସିନେମା ଆସୁଛି? କାହାର ଗପ କ'ଣ? କୋଉ ସଙ୍ଗୀତ ନିର୍ଦ୍ଦେଶକ କେମିତି ଗୀତ କରୁଛନ୍ତି? ପୂଜା ବଜାରରେ କାହାର ଗୀତ ବାଜିମାତ କରିବ? ପ୍ରଯୋଜକ ଅଫିସ୍‌ରୁ ନେଇ ଚା' ଖଟି ପର୍ଯ୍ୟନ୍ତ ଏମିତି କେତେ ଚର୍ଚ୍ଚା ଆଉ ଚୁଗୁଲି ଚାଲେ, କାହିଁକି ନା ସମସ୍ତେ ଜାଣନ୍ତି ରଜ ଆଉ ଦଶହରା ହେଉଛି ଓଡ଼ିଆ ସିନେମା ଫସଲର ସବୁଠୁ ଭଲ ଅମଳ ସମୟ ।



ପ୍ରିୟବ୍ରତ ପଣ୍ଡା

# ଦଶହରା ସିନେମା

## କୋଭିଡ୍ ପରେ ଦଶହରା ଫିଲ୍ମ ବଜାର

ସମୟ ଥିଲା ଦଶହରା ଆସିଲେ ପ୍ରେକ୍ଷାଳୟରେ ତାରକାଙ୍କର ଭିଡ଼ ଲାଗୁଥିଲା, ନିର୍ମାଣ ହେଉଥିଲା ବହୁ ତାରକାଙ୍କୁ ନେଇ ସିନେମା, ଧୀରେ ଧୀରେ ଧାରାରେ ପରିବର୍ତ୍ତନ ଆସିଲା, ଦଶହରା ବଜାର ହିଁ ନିର୍ଦ୍ଧାରଣ କଲା ତାରକାଙ୍କ ଦାମ୍ ଆଉ ଦମ୍ । ଦଶହରା ବଜାରରେ ସିନେମା ମୁକ୍ତି ଲାଭ କରିବା ପ୍ରଯୋଜନା ସଂସ୍ଥା ତଥା ଅଭିନେତା ପାଇଁ ତା' ମାନ୍ୟତାର ମାପଦଣ୍ଡ ପାଲଟି ଗଲା, ଆଉ ଆରମ୍ଭ ହେଇଗଲା ପୂଜା ଲଢ଼େଇ ।

ଯଦି କୋଭିଡ୍ ପରବର୍ତ୍ତୀ ସମୟକୁ ଦେଖିବା ଗତ ତିନି ବର୍ଷରେ ଦଶହରାରେ ମୁକ୍ତିଲାଭ କରିଥିବା ସିନେମା ଓଡ଼ିଆ ସିନେମା ଶିଳ୍ପ ପାଇଁ ସ୍ଥାପନ କରିଛି ନୂଆ ନୂଆ ମାଇଲ ଖୁଣ୍ଟ । ନିରାଶାର ଗୋଟେ ଲମ୍ବା ରାତି ପରେ ୨୦୨୨ ମସିହା ପୂଜା ବଜାରରେ ମୁକ୍ତିଲାଭ କରେ ବାବୁଶାନ୍‌ଙ୍କ ଅଭିନୀତ 'ଦମନ' ଯାହାକି ଓଡ଼ିଆ ସିନେମା ଶିଳ୍ପ ପାଇଁ ଗୋଟେ ସମ୍ଭାବନାର ସୂର୍ଯ୍ୟୋଦୟ ନେଇ ଆସେ, ଆଶାତୀତ ଲୋକପ୍ରିୟତା ତଥା ବ୍ୟବସାୟିକ ସଫଳତା ସହ ଅନେକ ଦିନ ପରେ ଓଡ଼ିଆ ସିନେମାକୁ ମିଳେ ଜାତୀୟ ପୁରସ୍କାର, ଯାହାକି ଅନେକ ପ୍ରଯୋଜକଙ୍କ ମଉଳି ଯାଇଥିବା ଆଶାକୁ ପୁଣି ସତେଜ କରିଦିଏ । ୨୦୨୩ ମସିହା ଦଶହରାରେ ପ୍ରେକ୍ଷାଳୟରେ ଭିଡ ଜମେ, ବଡ଼ ବଜେଟ୍ ବଡ଼ ତାରକାଙ୍କୁ ନେଇ ଗୋଟିଏ ଦୁଇଟି ନୁହଁ ପରଦାକୁ ଆସେ ତିନୋଟି ସିନେମା । ଅଶୋକ ପତିଙ୍କ ନିର୍ଦ୍ଦେଶନାରେ ଅରିନ୍ଦମ ଓ ବଲିଓଡ୍ ତଥା ଦକ୍ଷିଣ ଭାରତୀୟ ଅଭିନେତା ରାହୁଲ୍ ଦେବ୍‌ଙ୍କ ଅଭିନୀତ ରାମ, ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶନାରେ ସିଦ୍ଧାନ୍ତ ମହାପାତ୍ର ଅନୁଚୌଧୁରୀ, ଦେବାଶିଷ ଓ ପୁନମ୍‌ଙ୍କ ଅଭିନୀତ 'କଟକ ଶେଷରୁ ଆରମ୍ଭ' ଏବଂ ପୃଥ୍ୱୀରାଜ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ବାବୁଶାନ୍, ଅମ୍ଲାନ, ସୂର୍ଯ୍ୟମୟୀ ଓ ଶିବାନୀଙ୍କ ଅଭିନୀତ 'ମାଲ୍ୟଗିରି' । 'ମାଲ୍ୟଗିରି'କୁ ବ୍ୟାବସାୟିକ ସଫଳତା ମିଳିଥିବା ବେଳେ ସମୀକ୍ଷକମାନେ 'କଟକ ଶେଷରୁ ଆରମ୍ଭ' ସିନେମାକୁ ବେଶ୍ ପ୍ରଶଂସା କରନ୍ତି ।

୨୦୨୪ ମସିହା ଦଶହରା ଓଡ଼ିଆ ସିନେମାକୁ ଉତ୍ସବରେ ପରିଣତ କରିଦିଏ, ପୁଣି ମୁକ୍ତି ଲାଭ କରେ ତିନୋଟି ସିନେମା ଗିରିଶ ମହାନ୍ତିଙ୍କ ନିର୍ଦ୍ଦେଶନାରେ ସ୍ୱରାଜ, ଉପାସନାଙ୍କ ଅଭିନୀତ 'ଖୋକା ଭାଇ ତମ ପାଇଁ', କାହାଣୀ ତଥା ନିର୍ମାଣର ନୂଆପଣକୁ ନେଇ ସିନେମାଟି ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିବା ବେଳେ ଅର୍ଦ୍ଧେନ୍ଦୁ ଓ ତମ୍ମନାଙ୍କ ଅଭିନୀତ 'ଭିଲେନ୍' ବି ଦର୍ଶକୀୟ ସଫଳତା ପାଇଥିଲା । ସେହିପରି ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ଅନୁଭବ ଓ ସୂର୍ଯ୍ୟମୟୀଙ୍କ ଅଭିନୀତ 'କର୍ମ' ଓଡ଼ିଆ ସିନେମା ଇତିହାସର ପୃଷ୍ଠାରେ ଅପୂର୍ବ ସଫଳତାର ଗୋଟେ ନୂଆ ଅଧ୍ୟାୟ ଯୋଡ଼ି ଦିଏ ।





## ପୂଜା ବଜାରରେ ଓଡ଼ିଆ ସିନେମା

ଦଶହରାରେ ସବୁବେଳେ ବ୍ୟାବସାୟିକ ସିନେମା ବା ମାସ୍ ସିନେମାର କ୍ରେଜ୍ ଦେଖିବାକୁ ମିଳେ । ହିନ୍ଦୀ ସିନେମା ଦୀପାବଳୀ ବଜାରକୁ ଅକ୍ତିଆର କରିଥିବାବେଳେ ଦଶହରା ଓଡ଼ିଆ ସିନେମା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରେ । ଦଶହରାରୁ କୁମାର ପୂର୍ଣ୍ଣମୀ ଆଉ ତା'ପରେ ଲକ୍ଷ୍ମୀ ପୂଜା ଉତ୍ସବର ଏ ଋତୁରେ ଓଡ଼ିଆ ଦର୍ଶକ ତା' ପରିବାରକୁ ନେଇ ଓଡ଼ିଆ ସିନେମା ଦେଖିବାକୁ ପ୍ରେକ୍ଷାଳୟକୁ ଆସେ । ଗତଥର ଭଳି ଏଥର ବି ଓଡ଼ିଆ ଦର୍ଶକଙ୍କ ମନ ମୋହିବାକୁ ଅଣ୍ଟା ଭିଡ଼ିଛି ଓଡ଼ିଆ ସିନେମା । ସୀମିତ ପ୍ରେକ୍ଷାଳୟ ତଥା ବିତରଣ ସମସ୍ୟାକୁ ଦୃଷ୍ଟିରେ ରଖି ପରଦାକୁ ଆସିଛି ଦୁଇଟି ସିନେମା, ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଅନୁଭବ ଓ ଅନୁରାଧାଙ୍କ ଅଭିନୀତ 'ଚାରିଧାମ' ଓ ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶିତ ଅର୍ଦ୍ଧେନ୍ଦୁ ଓ ଏଲିନାଙ୍କ ଅଭିନୀତ 'ଚ୍ୟାଲେଞ୍ଜ' । ଉଭୟ ସିନେମାରେ ସମ୍ପର୍କର ମୂଲ୍ୟବୋଧକୁ ଗୁରୁତ୍ୱ ଦିଆଯାଇଛି । 'ଚ୍ୟାଲେଞ୍ଜ' ଭାଇ ଭଉଣୀ ସମ୍ପର୍କର କଥା କହୁଥିବା ବେଳେ 'ଚାରିଧାମ' ବାପା ମା'ଙ୍କ ପ୍ରତି ସମର୍ପିତ ପୁଅର କାହାଣୀ କହିଛି । ଡ୍ରାମା, ମ୍ୟୁଜିକ, ଆକ୍ସନ, ମେକିଙ୍ଗ ପ୍ରତିଟି କ୍ଷେତ୍ରରେ ଉଭୟ ସିନେମା ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଚେଷ୍ଟା କରିଛନ୍ତି ।





## ଅପେକ୍ଷା ପୁଣି ଆସନ୍ତା ଦଶହରାକୁ

ବିଗତ କିଛି ବର୍ଷ ହେଲା ସିନେମାରେ ଚାଲିଛି ସିକୁଏଲ୍‌ର ଟ୍ରେଣ୍ଡ, ଓଡ଼ିଆ ସିନେମାରେ ବି ଏବେ ଏ ଧାରାରେ ବେଶ୍ ଆଗୁଆ । ବିଗତ ତିନି ଦଶହରାରେ ମୁକ୍ତିଲାଭ କରିଥିବା ଅନେକ ସିନେମା ଆଗାମୀ ଦଶହରାରେ ପାର୍ଟ- ୨ ନେଇ ଆସିବେ ବୋଲି କଥା ଦେଇ କଥା ରଖି ପାରିନାହାନ୍ତି ୨୦୨୩ ମସିହାରେ ମୁକ୍ତିଲାଭ କରିଥିବା 'ମାଲ୍ୟଗିରି'ର ଦ୍ୱିତୀୟ ଭାଗ ୨୦୨୪ ମସିହାରେ ମୁକ୍ତିଲାଭ କରିବା ବୋଲି ପ୍ରଯୋଜନା ସଂସ୍ଥା ପ୍ରତିଶ୍ରୁତି ଦେଇଥିଲେ ବି ତାହା ପୂରଣ କରି ପାରିନାହାଁନ୍ତି । ଠିକ୍ ସେମିତି ୨୦୨୩ ମସିହାରେ ପରଦାକୁ ଆସିଥିବା ଆଉ ଏକ ସିନେମା 'କଟକ ଶେଷରୁ ଆରମ୍ଭ'ର ପାର୍ଟ-୨ ଆସିବ ବୋଲି ୨ ବର୍ଷ ଧରି ଚର୍ଚ୍ଚା ହେଉଥିଲେ ମଧ ଏପର୍ଯ୍ୟନ୍ତ ଆସିପାରିନାହିଁ। ତେବେ ସିକ୍ୟୁଏଲ୍ ଦୌଡ଼ରେ ଥିବା ଆଉ ଏକ ଚର୍ଚ୍ଚିତ ସିନେମା ଯାହାର ୨ୟ ଭାଗ ଦେଖିବା ପାଇଁ ଦର୍ଶକମାନଙ୍କ ଭିତରେ ଅନେକ ଉତ୍କଣ୍ଠା ଥିଲେ ମଧ ତାହାର ପାର୍ଟ-୨ ଆସିବାକୁ ନେଇ ଏବେ ଅନେକ ପ୍ରଶ୍ନବାଚୀ, ସେ ସିନେମାଟି ହେଉଛି 'କର୍ମ' । ସଫଳତା ସତ୍ତ୍ୱେ ଦ୍ୱିତୀୟ ଭାଗ ପାଇଁ ପ୍ରଯୋଜକମାନେ ପଛଘୁଞ୍ଚା ଦେବାର କାରଣ କ'ଣ? ଆଶା ଓ ବିଶ୍ୱାସ ପ୍ରଯୋଜନା ସଂସ୍ଥା ତାଙ୍କ କଥା ରଖିବେ ତେବେ ଦଶହରାରେ ଦର୍ଶକଙ୍କୁ ଦିଆଯାଇଥିବା ଏ ପ୍ରତିଶ୍ରୁତି କେବେ ପୂରଣ ହେଉଛି ଦେଖିବାକୁ ବାକି ରହିଲା ।

## ପ୍ରଚାର : ସମର୍ଥନ ନା ସମାଲୋଚନା

ସିନେମା ଭଲ ନିର୍ମାଣ କରିବା ଉଚିତ୍, କିନ୍ତୁ ଏକଥା ବି ସତ ଭଲ ପ୍ରଚାର ବିନା ଭଲ ସିନେମା ବି ଭଲ ପ୍ରଦର୍ଶନ କରିବା ଅସମ୍ଭବ। ସମୟ ଥିଲା ଯେତେବେଳେ ବଡ଼ ହୋର୍ଡିଂ, ରଙ୍ଗିନ ପୋଷ୍ଟର୍, ସିଙ୍ଗଲ୍ କଲର୍ ଲିଫ୍‌ଲେଟ୍ ଆଉ ପ୍ରଚାର ଗାଡ଼ି ଥିଲା ସିନେମା ପ୍ରଚାରର ବଡ଼ ମାଧ୍ୟମ। ଏବେ କିନ୍ତୁ ଆଉ ସେ ସମୟ ନାହିଁ। ଏବେ ଯୁଗ ଡିଜିଟାଲର। ତେଣୁ ନିଜ ସିନେମାକୁ ନେଇ ଦର୍ଶକର ହାତ ମୁଠାରେ ପହଞ୍ଚାଇ ପାରିବା ଆଉ ପ୍ରଚାର ଭିଡ଼ ଭିତରେ ନୂଆ ଢଙ୍ଗରେ ନିଜ କଥା କହି ଦର୍ଶକଙ୍କୁ ଆକୃଷ୍ଟ କରିପାରିବା ହେଉଛି ଆଜିକା ପ୍ରଚାରର ସବୁଠୁ ବଡ଼ ମାପକାଠି। ସେଥିପାଇଁ ତ ଆଜିକାଲି ନିର୍ମାତା ମାନେ ନାୟିକା ନାୟକ ସହ ସୋସିଆଲ୍ ମିଡିଆରେ ଚର୍ଚ୍ଚାରେ ଥିବା ଚେହେରାମାନଙ୍କୁ ସିନେମାରେ ବିଶେଷ ଭୂମିକା ଦେଉଛନ୍ତି। ଯାହାର ଉଦାହରଣ ଆପଣ ଏଇ ଦଶହରାରେ ମୁକ୍ତିଲାଭ କରିଥିବା ସିନେମାରେ ମଧ ଦେଖିବାକୁ ପାଇବେ । ବିଗତ କିଛି ବର୍ଷ ହେଲା ପୂଜା ବଜାର ସିନେମା ପ୍ରଚାରରେ କିଛି ନୂଆ ଫର୍ମୁଲା ଯୋଡ଼ି ହେଇଛି ଏଇ ଯେମିତି ନାୟକ ନାୟିକାମାନଙ୍କର ପୂଜା ପେଣ୍ଡାଲ ବୁଲିବା , ବିଭିନ୍ନ ଟେଲିଭିଜନ ଧାରାବାହିକ ତଥା ରିଆଲିଟି ସୋ'ରେ ଅତିଥି ଭୂମିକାରେ ଆସି ନିଜ ସିନେମାର ପ୍ରଚାର କରିବା ଇତ୍ୟାଦି। ପ୍ରଚାରର ଏ ନୂଆ ଧାରା ତାରକାଙ୍କୁ ଦର୍ଶକ ସହ ଆହୁରି ନିକଟତର କରିବା ସହ ଓଡ଼ିଆ ସିନେମାରୁ ମୁହଁ ଫେରାଇ ନେଇଥିବା ସହିତ ଯୁବବର୍ଗଙ୍କୁ ପୁଣିଥରେ ଓଡ଼ିଆ ସିନେମା ପ୍ରତି ଆକୃଷ୍ଟ କରିଛି । ଗୋଲାପ ଫୁଲର କଣ୍ଟା ଭଳି ସୋସିଆଲ ମିଡିଆ ପ୍ରଚାର ପାଇଁ ଯେତିକି ସହାୟକ ହେଉଛି ଉଦ୍ଦେଶ୍ୟ ମୂଳକ ଅପପ୍ରଚାର ପାଇଁ ସେତିକି ସମସ୍ୟା ବି ସୃଷ୍ଟି କରୁଛି । ସିନେମା ମୁକ୍ତିଲାଭ କରିବା ମାତ୍ରେ ହିଁ ଅନେକ ଶସ୍ତା ଲୋକପ୍ରିୟତା ତଥା ନିଜର ସ୍ୱାର୍ଥ ପାଇଁ ସମୀକ୍ଷା କରିବା ନାଁରେ ସୋସିଆଲ୍ ମିଡିଆରେ ସିନେମାର ନିନ୍ଦା ଉପହାସ କରୁଛନ୍ତି, ଯାହାର ପ୍ରଭାବରେ ସେମାନଙ୍କର କେତେ ଲାଭ ହେଉଛି ଜଣା ନାହିଁ, କିନ୍ତୁ ସିନେମା ସହ ସଂପୃକ୍ତ ପ୍ରତିଟି ସଦସ୍ୟ ତଥା ଦର୍ଶକମାନଙ୍କର କ୍ଷତି ହେଉଛି ନିଶ୍ଚୟ । ଯଦି ଆପଣଙ୍କ ଆଖିରେ ତ୍ରୁଟି ଦୁର୍ବଳତା ଦେଖା ଦେଉଛି, ତାହାଲେ ସଜାଡ଼ିବାକୁ ଚେଷ୍ଟା କରନ୍ତୁ ଉଜାଡ଼ିବାକୁ ନୁହଁ, ଉଦ୍ଦେଶ୍ୟ ମୂଳକ ନିନ୍ଦା ସମାଲୋଚନା ସମାଧାନର ରାସ୍ତା ନୁହଁ, ବରଂ ସହଯୋଗ ସହଭାଗିତା ଓ ମିଳିତ ଉଦ୍ୟମ ମାଧ୍ୟମରେ ଆମେ ଆମ ସିନେମାକୁ ରାଜ୍ୟର ସୀମା ବାହାରକୁ ନେଇ ପାରିବା।



## ସିନେମାର ଶୁଭ ଲାଭ

ଦଶହରା ଆସିଲେ ଛୋଟରୁ ଛୋଟ ବ୍ୟବସାୟୀ ତା' ସାଧନର ପୂଜା କରେ ଲେଖିଦିଏ ଶୁଭ ଲାଭ। ଆଶା କରେ ଏଥର ଲାଭ ନିଶ୍ଚୟ ହେବ, ତାହେଲେ ଏଇ ଆଶା ସିନେମା ନିର୍ମାତା ଟିଏ ରଖିବନି କେମିତି? ମନୋରଞ୍ଜନ ହେଲେ ବି ସିନେମା ଗୋଟେ ବ୍ୟବସାୟ, ଯିଏ ବ୍ୟବସାୟ କରେ ସେ ଲାଭ ଆଶା କରିବା ସ୍ୱାଭାବିକ । ନିର୍ମାତା, ନିର୍ଦ୍ଦେଶକ ଏଇ ଆଶାରେ ସିନେମା କରନ୍ତି କି ସେମାନେ ଭଲ ରିଟର୍ନ୍ ପାଇବେ, କିନ୍ତୁ ହାତଗଣତି ଗୋଟେ ଦୁଇଟା ସିନେମା ଛାଡ଼ି ଦେଲେ ଅଧିକାଂଶ ସିନେମା ମୂଳଧନ ଫେରି ପାଇବାରେ ମଧ୍ୟ ସକ୍ଷମ ହୁଅନ୍ତି ନାହିଁ। ଅନେକ ଭଲ ସିନେମା କି ବ୍ୟାବସାୟିକ ବିଫଳତାକୁ ସାମ୍ନା କରେ ତା'ର ସବୁଠୁ ବଡ଼ କାରଣ ବଜାର। ନୂଆ ପିଢ଼ି ଆସିଲେଣି, ଶିଳ୍ପ ଧୀରେ ଧୀରେ ସମୃଦ୍ଧ ହେଉଛି, ଅନେକ ନୂଆ ନୂଆ କଥାକୁ ନେଇ ଭଲ ସିନେମା ମଧ୍ୟ ନିର୍ମାଣ ହେଉଛି, କିନ୍ତୁ ଦୁଃଖର କଥା ଯୋଉଠି ଓଡ଼ିଆ ସିନେମାର ଦର୍ଶକ ଅଛନ୍ତି ସେଠି ସେମାନଙ୍କ ପାଇଁ ସିନେମା ଦେଖିବାକୁ ପ୍ରେକ୍ଷାଳୟଟିଏ ନାହିଁ। କଟକ, ଭୁବନେଶ୍ୱରରେ ସିଙ୍ଗିଲ୍ ଥିଏଟର ସଂଖ୍ୟା କମିବାରେ ଲାଗିଛି । ମଲ୍ଟିପ୍ଲେକ୍ସରେ ଟିକେଟର ଦାମ୍ ଓଡ଼ିଆ ଦର୍ଶକର ପକେଟ୍‌କୁ ଡରେଇ ଦେଉଛି। ହଲ୍‌କୁ ଯାଇ ସିନେମା ଦେଖିବାକୁ ଇଚ୍ଛା ଥିଲେ ବି ଦର୍ଶକ ବାଧ୍ୟ ହୋଇ ସିନେମା କେବେ ଟିଭିରେ ଆସିବ ସେଦିନକୁ ଅପେକ୍ଷା କରି ରହୁଛି। ଓଡ଼ିଆ ସିନେମା ଦେଖିବାର ଆଗ୍ରହ ଯେ, ଦର୍ଶକଙ୍କ ଭିତରେ ଅଛି, ଏ କଥାକୁ ପ୍ରମାଣିତ କରିଛି ଓଡ଼ିଶାର ମନୋରଞ୍ଜନ ଟିଭି ଚ୍ୟାନେଲ, ସ୍ୱଳ୍ପ ବଜେଟ୍‌ରେ ନିର୍ମିତ ଟେଲି ଫିଲ୍ମ ମଧ୍ୟ ବେଶ୍ ଲୋକପ୍ରିୟତା ହାସଲ କରୁଛି । ଏଥିରୁ ଅନୁମାନ କରିବା ସ୍ପଷ୍ଟ ଯେ, ଯଦି ଲୋକଙ୍କ ପାଖରେ ସ୍ୱଳ୍ପମୂଲ୍ୟରେ ସିନେମା ପହଞ୍ଚି ପାରନ୍ତା ତାହେଲେ ଆମ ସିନେମା ବି ଦର୍ଶକଙ୍କ ଭଲପାଇବା ସହ ଭଲ ପାଉଣା କମେଇ ପାରନ୍ତା।

କଥା କଥାରେ ଅନେକ ଦକ୍ଷିଣ ଭାରତୀୟ ସିନେମାର ଉଦାହରଣ ଦିଅନ୍ତି, ଯଦି ସେମାନଙ୍କ ସିନେମା ସଫଳ ହେଉଛି ଓଡ଼ିଆ ସିନେମା କାହିଁକି ନୁହଁ? ତୁଳନା କରିବାବେଳେ ସେମାନେ ହୁଏତ ଭୁଲି ଯାଉଛନ୍ତି କି ଆମ ତୁଳନାରେ ସେମାନଙ୍କ ସିନେମା ପାଇଁ ଥିବା ପ୍ରେକ୍ଷାଳୟର ସଂଖ୍ୟା କେତେ? ଟିକେଟର ଦାମ୍ କେତେ? ନିକଟରେ ମୁକ୍ତିଲାଭ କରିଥିଲା ସୁପରଷ୍ଟାର ରଜନୀକାନ୍ତଙ୍କ 'କୁଲି' ଚେନ୍ନାଇର ସିନେମା ହଲ୍‌ଗୁଡ଼ିକରେ ଏହି ସିନେମାର ସର୍ବନିମ୍ନ ଟିକେଟ ମୂଲ୍ୟ ୪୯ ଟଙ୍କା ରହିଥିବା ବେଳେ ସର୍ବାଧିକ ଟିକେଟ ମୂଲ୍ୟ ୧୭୯ ଟଙ୍କା ଥିଲା । ଆମ ରାଜ୍ୟରେ ବି ଯେଉଁଦିନ ଟିକେଟ ମୂଲ୍ୟ ୯୯ ଟଙ୍କା ହେଇଯାଏ ସେଦିନ ଯେ କୌଣସି ସିନେମା ଥାଉ ପଛେ ଦର୍ଶକମାନଙ୍କ ଗହଳି ଦେଖିବାକୁ ମିଳେ। ଏକଥା କହିବା ବାହୁଲ୍ୟ ଯେ ଅଧିକରୁ ଅଧିକ ସିଙ୍ଗଲ ଥିଏଟର ଓ ଦର୍ଶକ ପକେଟ୍ କୁ ସୁହାଇବା ମୂଲ୍ୟର ଟିକେଟ ହେଲେ ଓଡ଼ିଆ ସିନେମାକୁ ମଧ୍ୟ ନିଜର ଗରିମା ଫେରାଇ ଆଣିବା ପାଇଁ ବେଶି ସମୟ ଲଗିବନାହିଁ । ଆଶା ସରକାରଙ୍କ ଶୁଭ ଦୃଷ୍ଟି ଓଡ଼ିଆ ସିନେମା ଉପରେ ବି ପଡ଼ିବ ।

ଏଥର ଦଶହରା ବି ଓଡ଼ିଆ ସିନେମା ପାଇଁ ଶୁଭ ହେଉ, ଆମ ସିନେମା ସଫଳତାର ନୂଆ କାହାଣୀ ଲେଖୁ, ପୂଜା ବଜାରରେ ପୁରୁଖା ନୁହଁ ନବାଗତ ବି ଆସନ୍ତୁ, ସିନେମାକୁ ନେଇ ଲଢ଼େଇ ହେଉ ଆମ ସିନେମାର ବଢ଼େଇ ହଉ।



ମୋ: ୯୮୫୩୧୯୪୬୦୦

# ପାର୍ବଣରେ ଓଡ଼ିଆ ଚଳଚ୍ଚିତ୍ର







ଶ୍ରୁତକୀର୍ତ୍ତି ତ୍ରିପାଠୀ

**ପାର୍ବଣ ସମୟରେ ଦୋକାନ ବଜାର, ପୂଜା ମଣ୍ଡପ ଆଦି ଚଳଚଞ୍ଚଳ ହେବା ଭଳି ପ୍ରେକ୍ଷାଳୟ ବା ସିନେମା ହଲଗୁଡ଼ିକରେ ମଧ୍ୟ ନୂଆ ଚଳଚ୍ଚିତ୍ରର ଅପେକ୍ଷାରେ ଥାଆନ୍ତି ସିନେମାପ୍ରେମୀ । ସେଥିପାଇଁ ଚଳଚ୍ଚିତ୍ରର ନିର୍ମାତା, ନିର୍ଦ୍ଦେଶକ, ପ୍ରଯୋଜକମାନେ ଚେଷ୍ଟା କରନ୍ତି ପୂଜା ସମୟରେ ହିଁ ଚଳଚ୍ଚିତ୍ରଗୁଡ଼ିକ ମୁକ୍ତିଲାଭ କରିବା ପାଇଁ । ପ୍ରତିବର୍ଷ ନୂଆ କାହାଣୀ, ନୂଆ ଉତ୍ସାହ ସହିତ ଉନ୍ନତମାନର ନିର୍ଦ୍ଦେଶନା, ସଂଳାପ, ନୃତ୍ୟ, ସଙ୍ଗୀତର ଯାଦୁକରୀ ସ୍ପର୍ଶ ନେଇ ପ୍ରସ୍ତୁତ ହୁଏ ନୂଆ ନୂଆ ସିନେମା । ପରିବାର, ସାଙ୍ଗସାଥୀଙ୍କ ଗହଣରେ ହସ, ଖୁସି, ମଉଜ ମଜଲିସ୍, ସୁସ୍ୱାଦୁ ଖାଦ୍ୟ, ପୂଜା -ଅର୍ଚ୍ଚନା ଭିତରେ ମନୋରଞ୍ଜନ ପାଇଁ ଚଳଚ୍ଚିତ୍ର ଦେଖିବାକୁ ମଧ୍ୟ ଲୋକଙ୍କ ଭିତରେ ପ୍ରବଳ ଆଗ୍ରହ ରହିଥାଏ । ଏହି ପରିପ୍ରେକ୍ଷୀରେ ବିଗତ ବର୍ଷଗୁଡ଼ିକରେ ଏବଂ ଚଳିତ ବର୍ଷର କିଛି ଆକର୍ଷଣୀୟ ସିନେମା ଓ ତା ନୈପଥ୍ୟରେ ଥିବା କାହାଣୀକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।**

## ବିଗତ ପୂଜାରେ ଚର୍ଚ୍ଚିତ ସିନେମା

ଗତବର୍ଷ ପୂଜା ସମୟରେ ଲୋକଙ୍କ ମନୋରଞ୍ଜନ ପାଇଁ ଓଡ଼ିଶାର ପ୍ରେକ୍ଷାଳୟକୁ ଆସିଥିଲା ୪ ଟି ସିନେମା । ଭିନ୍ନ ଭିନ୍ନ କାହାଣୀ ନେଇ ସିନେମାପ୍ରେମୀଙ୍କୁ ଖୁସି କରିବା ପାଇଁ ଆସିଥିଲା 'କର୍ମ', 'ଭିଲେନ୍', 'ଖୋକା ଭାଇ ତୁମ ପାଇଁ' ଏବଂ 'ଦୁର୍ଗା' ଭଳି ସିନେମା । ଆକ୍ସନ ଏବଂ ପ୍ରେମ ଓ ପ୍ରଣୟଧର୍ମୀ ଅନୁଭବ ଓ ସୂର୍ଯ୍ୟମୟୀଙ୍କ ଅଭିନୀତ 'କର୍ମ' ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିଲା । ଜଣେ ଗ୍ୟାଙ୍ଗଷ୍ଟରର ଜୀବନ କାହାଣୀ ଉପରେ ଆଧାରିତ 'ଭିଲେନ' ଚଳଚ୍ଚିତ୍ରରେ ଯୁବ ଅଭିନେତା ଅର୍ଦ୍ଧେନ୍ଦୁ ଓ ତମନ୍ନାଙ୍କ ଅଭିନୟ ବେଶ୍ ପ୍ରଶଂସନୀୟ ହୋଇଥିଲା । ସେହିପରି ଅକ୍ଷୟ ମହାନ୍ତି ବା 'ଖୋକା ଭାଇ'ଙ୍କୁ ଝୁରୁଥିବା ସଙ୍ଗୀତପ୍ରେମୀ ଓ କଳାପ୍ରେମୀ ଦର୍ଶକ ସଙ୍ଗୀତ ଭିତ୍ତିକ କଥାଚିତ୍ର 'ଖୋକା ଭାଇ ତୁମ ପାଇଁ' ସିନେମା ପାଇଁ ବିଶେଷ ଉତ୍ସାହ ପ୍ରଦର୍ଶନ କରିଥିଲେ । ମୁଖ୍ୟ ନାୟକ ସ୍ୱରାଜ ଏବଂ ନାୟିକା ଲକି ମନୀଷାଙ୍କ ଅଭିନୟ ଦର୍ଶକଙ୍କୁ ଅକ୍ଷୟ ପ୍ରେମରେ ତଲ୍ଲୀନ କରିଥିଲା । ଅନ୍ୟ ଏକ ନାରୀ କେନ୍ଦ୍ରିକ ଚଳଚ୍ଚିତ୍ର 'ଦୁର୍ଗା' ମଧ୍ୟ ମୁକ୍ତିଲାଭ କରିଥିଲା ୨୦୨୪ ରେ, ଯେଉଁଥିରେ ଦୁର୍ଗା ଚରିତ୍ରରେ ଅଭିନୟ କରିଥିଲେ ପୁନମ୍ ମିଶ୍ର । ସିନେପ୍ରେମୀଙ୍କ ସିନେମା ଦେଖିବାର ଏଭଳି ଉତ୍ସାହ ପୂଜା ସମୟକୁ ଆହୁରି ଉତ୍ସବ ମୁଖର କରିଥିଲା ।










## ମନମୋହିଛି 'ଲହରୀ'

ଚଳିତ ବର୍ଷ ଦଶହରାର ଅବ୍ୟବହିତ ପୂର୍ବରୁ ସେପ୍ଟେମ୍ବର ୧୨ ତାରିଖରେ ମୁକ୍ତିଲାଭ କରିଛି ବଡ଼ ବଜେଟ୍‌ର ଓଡ଼ିଆ ସିନେମା 'ଲହରୀ' । ଓଡ଼ିଆ ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନର ବିକାଶ କଥା ବଖାଣୁଥିବା ଚଳଚ୍ଚିତ୍ର 'ଲହରୀ' କୋଲକାତା ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହେବା ପରେ ବଡ଼ ପରଦାରେ ମୁକ୍ତିଲାଭ କରିଥିଲା । ସାମାଜିକ ଜୀବନର ମୂଳ ତତ୍ତ୍ୱ ସହ ନିଜକୁ ଯୋଡ଼ି ରଖିବା ଏବଂ ପିତା ପୁତ୍ରଙ୍କ ସମ୍ପର୍କ ଉପରେ ଆଧାରିତ ଏହି କାହାଣୀ ଦର୍ଶକଙ୍କୁ ବେଶ ଛୁଇଁ ପାରିଛି । ଏହା ସାରା ଓଡ଼ିଶାର ୩୧ ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା । 'ବୁକ୍ ମାଇଁ ଶୋ'ରେ ଟିକେଟରେ ପ୍ରଥମ ଦିନ ୫୦ ପ୍ରତିଶତ ରିହାତି ଥିବାରୁ ପ୍ରଥମ ଶୋ ହାଉସ୍ ଫୁଲ ଦେଖିବାକୁ ମିଳିଥିଲା । ଏଥିରୁ ଜଣାପଡ଼େ ଯେ, ଓଡ଼ିଆ ସିନେମା ପାଇଁ ଆଜି ମଧ୍ୟ ଓଡ଼ିଶାବାସୀଙ୍କ ମନରେ ଆଦର କମିଯାଇ ନାହିଁ । ଆବଶ୍ୟକତା ଅଛି ଦର୍ଶକଙ୍କ ମନ ଓ ହୃଦୟକୁ ସ୍ପର୍ଶ କରିପାରୁଥିବା ଭଳି କାହାଣୀ ଏବଂ ସପରିବାର ବସି ଦେଖି ହେଉଥିବା ଭଳି ସିନେମା ପ୍ରସ୍ତୁତ କରାଯାଉ । ଏହି ସିନେମାର ନିର୍ଦ୍ଦେଶକ ହେଉଛନ୍ତି ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଓ ଜାତୀୟ ପୁରସ୍କାରପ୍ରାପ୍ତ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଏବଂ ପ୍ରଯୋଜିକା ହେଲେ ଓଡ଼ିଶାର ଲୋକପ୍ରିୟ ଅଭିନେତ୍ରୀ ଏବଂ ଯୁବ ନିର୍ମାତ୍ରୀ ଝିଲିକ୍ ଭଟ୍ଟାଚାର୍ଯ୍ୟ । ସିନେମାଟି ଉଭୟ କଳାତ୍ମକ ଓ ବ୍ୟାବସାୟିକ ଦୃଷ୍ଟିକୋଣରୁ ଭଲ ହୋଇଛି ବୋଲି ଦର୍ଶକ, ସିନେ ସମୀକ୍ଷକମାନେ ମତ ଦେଇଛନ୍ତି । ଏହା ପୂଜା ସମୟରେ ମଧ୍ୟ ଦର୍ଶକଙ୍କ ପସନ୍ଦର ସିନେମା ତାଲିକା ଭିତରେ ରହିଛି ।



# 'ଚାରିଧାମ' ଓ 'ଚ୍ୟାଲେଞ୍ଜ' ମଧ୍ୟରେ ଲଢ଼େଇ

ଏଥର ଦଶହରାରେ ମୁକ୍ତିଲାଭ କରିଥିଲା ଦୁଇଟି ଓଡ଼ିଆ ଚଳଚ୍ଚିତ୍ର 'ଚାରିଧାମ' ଓ 'ଚ୍ୟାଲେଞ୍ଜ'। ସଂଯୋଗ ହେଉଛି ଉଭୟ ଚଳଚ୍ଚିତ୍ର 'ଚ' ଅକ୍ଷରରୁ ଆରମ୍ଭ। ମାତ୍ର ଗୋଟିଏ ଦିନର ବ୍ୟବଧାନରେ ଅର୍ଥାତ 'ଚ୍ୟାଲେଞ୍ଜ' ' ( ୨୬ ସେପ୍ଟେମ୍ବର) ଏବଂ 'ଚାରିଧାମ' (୨୫ ସେପ୍ଟେମ୍ବର) ରେ ରିଲିଜ୍ ହେବା ସିନେପ୍ରେମୀଙ୍କ ପାଇଁ ଚର୍ଚ୍ଚାର ବିଷୟ ପାଲଟିଛି । ଉଭୟ ସିନେମା ପାରିବାରିକ କାହାଣୀ ଓ ଆକ୍ସନ୍ ଆଧାରିତ ହୋଇଥିବାରୁ କେଉଁ ଚଳଚ୍ଚିତ୍ର କେତେ ଲୋକପ୍ରିୟତା ଲାଭ କରିବ, ତାହା ମୁକ୍ତିଲାଭର ପ୍ରଥମ କେତୋଟି ସପ୍ତାହ ମଧ୍ୟରେ ସ୍ପଷ୍ଟ ଜଣାପଡ଼ିବ। ଦୁଇଟିଯାକ ସିନେମାରେ ନୂଆ ଯୋଡ଼ି ( ଅନୁଭବ ଏବଂ ଅନୁରାଧା ) 'ଚାରିଧାମ' ଏବଂ (ଅର୍ଦ୍ଧେନ୍ଦୁ ଓ ଏଲିନା) 'ଚ୍ୟାଲେଞ୍ଜ'କୁ ଦର୍ଶକମାନେ ଖୁବ୍ ଆଦର ଓ ଭଲପାଇବା ଦେବେ ବୋଲି ଆଶା କରାଯାଉଛି। ଏହାର ସଦ୍ୟ ଉଦାହରଣ ହେଉଛି, ଉଭୟ ଚଳଚ୍ଚିତ୍ରର ପ୍ରଚାର ଓ ପ୍ରସାର (ପ୍ରମୋସନ୍) ସମୟରେ ଜନତାଙ୍କ ଭିତରେ ଅସମ୍ଭବ ଉତ୍ସାହ ଦେଖିବାକୁ ମିଳିଛି । ଅଭିନେତା/ଅଭିନେତ୍ରୀ, ନିର୍ଦ୍ଦେଶକ, ପ୍ରଯୋଜକ ପ୍ରତ୍ୟକ୍ଷ ଭାବରେ ଲୋକଙ୍କ ସହ ମିଶିଛନ୍ତି ଏବଂ ପ୍ରେକ୍ଷାଳୟକୁ ଆସି ସିନେମା ଦେଖିବାକୁ ଅନୁରୋଧ କରିଛନ୍ତି, ଯାହା ସିନେମାପ୍ରେମୀଙ୍କ ମନରେ ଚଳଚ୍ଚିତ୍ର ଏବଂ କଳାକାରମାନଙ୍କ ପାଇଁ ଆହୁରି ଆକର୍ଷଣ ସୃଷ୍ଟି କରୁଛି।

## ଗୀତ ଆଣୁଛି ଲୋକପ୍ରିୟତା

ଅନେକ ସମୟରେ ଦେଖିବାକୁ ମିଳେ ଯେ, ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପୂର୍ବରୁ ଏହାର ଗୀତଗୁଡ଼ିକ ଲୋକପ୍ରିୟତା ହାସଲ କରେ। ସେହି ଗୀତଗୁଡ଼ିକ ଏତେ ଭଲ ପାଇବା ସାଉଁଟେ ଯେ, ସେହି ଆକର୍ଷଣରେ ଦର୍ଶକ ପ୍ରେକ୍ଷାଳୟ ମୁହାଁ ହୁଅନ୍ତି। 'ଚ୍ୟାଲେଞ୍ଜ' ସିନେମାର ପ୍ରତ୍ୟେକ ଗୀତକୁ ମିଳିଛି ଅପୂର୍ବ ସଫଳତା। ଏଥିରେ ଅଛି ସମୁଦାୟ ୪ ଟି ଗୀତ । ସେଥିରୁ ପ୍ରଥମ ପ୍ରମୋସନାଲ ଗୀତ ଥିଲା 'ଭାଙ୍ଗ' ଗୀତଟି । ପରେ 'ଦୁଲଦୁଲି' ଗୀତଟି ଦର୍ଶକଙ୍କୁ ବହୁତ ପସନ୍ଦ ଆସିଛି । ଏଥିରେ ଥିବା ପାରମ୍ପରିକ ନୃତ୍ୟ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଛି । ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଏହା ଏକ ସୁନ୍ଦର ମାଧ୍ୟମ ପାଲଟିଛି । ସେହିପରି 'ଲହରୀ' ସିନେମାର 'ଝିଅର ସ୍କୁଟା ଢିଲା' ଗୀତଟି ଏବେ ମୁଖ୍ୟସ୍ରୋତରେ ରହିଛି; ବର୍ତ୍ତମାନର ଯୁବପିଢ଼ିଙ୍କ ପସନ୍ଦକୁ ଆଖି ଆଗରେ ରଖି ଏହାକୁ ପ୍ରସ୍ତୁତ କରାଯାଇଛି। ଏଣୁ ଏହାକୁ ଯୁବବର୍ଗ ଅଧିକ ଶୁଣୁଛନ୍ତି । ସେପଟେ 'ଚାରିଧାମ' ସିନେମାରେ ଆଗଧାଡ଼ିର ନାୟିକା ଶିବାନୀ ଏକ ନୃତ୍ୟଭିତ୍ତକ ଗୀତ 'କେର୍‌କେରା....'ରେ ଅଭିନୟ କରିଛନ୍ତି । ଗୀତଟି ବୟସ୍କ ଲୋକଙ୍କୁ ପସନ୍ଦ ନ ଆସିଲେ ମଧ୍ୟ ବ୍ୟାବସାୟିକ ସଫଳତା ଦୃଷ୍ଟିରୁ ସିନେମା ଭିତରେ ରଖାଯାଇଛି। ଆଧୁନିକ ଗୀତ ଭାବରେ ଏହା ଲୋକଙ୍କର ପ୍ରଶଂସା ସାଉଁଟିଛି। ପୂର୍ବରୁ ମଧ୍ୟ ଆକର୍ଷଣୀୟ ଗୀତ ମାଧ୍ୟମରେ ସିନେମା ପ୍ରତି ଦର୍ଶକଙ୍କୁ ଆକୃଷ୍ଟ କରିବାର ଧାରା ଜାରି ରହିଥିଲା, ଯାହାକୁ ଏବେ ମଧ୍ୟ ଗୋଟିଏ ବୁଦ୍ଧିମାନ ପରିକଳ୍ପନା ବୋଲି କୁହାଯାଇପାରେ।



## ନବାଗତ କଳାକାରଙ୍କୁ ସୁଯୋଗ

ଏବେ ପରୀକ୍ଷାମୂଳକ ଭାବରେ ପ୍ରତି ସିନେମାରେ ନୂଆ ଏବଂ କମ୍ ଅଭିଜ୍ଞତା ଥିବା କଳାକାରମାନଙ୍କୁ ସୁଯୋଗ ଦିଆଯାଉଛି । ଏହା ସିନେ ଜଗତ ପାଇଁ ଏକ ପ୍ରଶଂସନୀୟ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ। କାରଣ ଚିରାଚରିତ ଧାରା ଅବଲମ୍ବନ କରି ବାରମ୍ବାର ପୁରୁଣା ମୁହଁକୁ ଶ୍ରେଷ୍ଠ ଭୂମିକାରେ ଦେଖିଲେ ଦର୍ଶକ ଆଗ୍ରହ ହରେଇବାର ସମ୍ଭାବନା ଥାଏ। ଆହୁରି ମଧ୍ୟ ନୂଆ ପିଢ଼ି ଅଧିକ ଉତ୍ସାହ, ଆଗ୍ରହ ଏବଂ ଫୂର୍ତ୍ତି ସହ ଅଧିକ ସମୟ ପରିଶ୍ରମ କରିବାର କ୍ଷମତା ରଖନ୍ତି। ଏବେ ପ୍ରଦର୍ଶିତ ହେଉଥିବା ଗୀତଗୁଡ଼ିକରେ ନୃତ୍ୟ ଏବଂ କାହାଣୀରେ ଆକ୍ସନ ଦୃଶ୍ୟଗୁଡ଼ିକ ଦର୍ଶକଙ୍କୁ ବାନ୍ଧି ରଖିବାର ଏକ ନୂତନ ଉପାୟ, ଯାହା ନୂଆ ଏବଂ ଯୁବ କଳାକାର ପକ୍ଷରେ ଅଧିକ ସମ୍ଭବ। ବରିଷ୍ଠ କଳାକାରମାନେ ନବୀନ ଏବଂ ତରୁଣ କଳାକାରମାନଙ୍କୁ ସୁଯୋଗ ଦେବା ଫଳରେ ସେମାନେ ଅଧିକ ଅଭିଜ୍ଞତା ହାସଲ କରିବାର ସୁଯୋଗ ରହୁଛି। ମୋଟାମୋଟି ଭାବରେ ସବୁ ବର୍ଗର ଲୋକଙ୍କୁ ପସନ୍ଦ ଆସୁଥିବା ଭଳି ଚଳଚ୍ଚିତ୍ର ନିର୍ମାଣ ସମ୍ଭବ ହେଉଛି।

## ମୌଳିକ କାହାଣୀ ଓ ପ୍ରଚାରପ୍ରସାର ଉପରେ ଗୁରୁତ୍ୱ

ବର୍ତ୍ତମାନ ଓଲିଉଡ୍ ସିନେମାରେ ଦେଖାଯାଇଛି ଏକ ପରିବର୍ତ୍ତନର ଧାରା। ଓଡ଼ିଆ ସିନେମାଗୁଡ଼ିକ ସତ୍ୟତା, ଅନ୍ଧବିଶ୍ୱାସ, ଜୀବନୀ, ପରମ୍ପରା, ସଂସ୍କୃତି, ଐତିହ୍ୟ, ସାହିତ୍ୟକୁ ନେଇ ଲେଖାଯାଉଛି। କାହାଣୀ ନୂଆ ଏବଂ ଆଗ୍ରହ ସୃଷ୍ଟିକାରୀ ହେବାରୁ ଦର୍ଶକ କିଛି ନୂଆ ପାଇବା ଆଶାରେ ସିନେମା ଦେଖିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଓଡ଼ିଆ ଅନ୍ୟ ଭାଷାର ସିନେମାର ପୁନରାବୃତ୍ତି ବା ଚୋରିର ଅପବାଦ ଓଡ଼ିଆ ସିନେମା ଉପରୁ ଧୀରେ ଧୀରେ ହଟିବାରେ ଲାଗିଛି। ଗୀତ, ନୃତ୍ୟ, ବେଶପୋଷକ ଏବଂ ପ୍ରସାଧାନରେ ସରଳତା ଏବଂ ସାବଲୀଳତା ଦର୍ଶକଙ୍କର ସିନେମା ପ୍ରତି ସମ୍ମାନ ଓ ଆଦର ବଢ଼େଇ ଦେଇଛି। ଓଡ଼ିଆ ସିନେମା ମଧ୍ୟ ଦର୍ଶକଙ୍କ ପସନ୍ଦ ତାଲିକା ଭିତରେ ଆସିବା ଆରମ୍ଭ କରିଛି।

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଦଶହରା ହେଉଛି 'ସୁବର୍ଣ୍ଣ ସମୟ' ଅର୍ଥାତ୍ ଦର୍ଶକ ସଂଖ୍ୟା ଏହି ସମୟରେ ଅଧିକ ହେବାରୁ ବକ୍ସ ଅଫିସ୍ କଲେକ୍ସନ ମଧ୍ୟ ବୃଦ୍ଧି ପାଏ। ଯାହା ଓଲିଉଡ୍ ସିନେମା ପାଇଁ ନିଶ୍ଚୟ ଶୁଭପ୍ରଦ। ସିନେମା ଯଦି ସ୍ଥାନୀୟ କାହାଣୀ, ପରିବେଶ, ସଂସ୍କୃତି ଏବଂ ପ୍ରଭାବିତ କଳା ଭଳି ବ୍ୟକ୍ତିତ୍ୱଙ୍କ ଜୀବନୀ ଉପରେ ପର୍ଯ୍ୟବସିତ ହୋଇଥାଏ, ତେବେ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଏ। ଦର୍ଶକ ଅନ୍ୟ ଭାଷା ଯଥା :- ହିନ୍ଦୀ, ତାମିଲ୍, ତେଲୁଗୁ, ବଙ୍ଗଳାରେ ଭଲ ଚଳଚ୍ଚିତ୍ର ପ୍ରତି ବେଶି ଆକୃଷ୍ଟ ହୁଅନ୍ତି; ମାତ୍ର କାହାଣୀ ଯଦି ସୁଦୃଢ଼ ଅଛି ଏବଂ ସଠିକ୍ ପ୍ରଚାର ପ୍ରସାର ପର୍ଯ୍ୟାୟ ଦେଇ ଯାଇ ଲୋକଙ୍କୁ ଛୁଇଁ ପାରିଛି, ତେବେ ଓଡ଼ିଆ ସିନେମା ମଧ୍ୟ ଆଶାନୁରୂପ ସଫଳତା ଲାଭ କରିବାର ସମ୍ଭାବନା ରହିଛି।

ଶେଷକଥା ହେଉଛି, ପାର୍ବଣ ସମୟରେ ଚଳଚ୍ଚିତ୍ର ମୁକ୍ତିଲାଭ କରିବା ଆର୍ଥିକ, ସାଂସ୍କୃତିକ ଓ ସାମାଜିକ ଦୃଷ୍ଟିକୋଣରୁ ଲାଭକାରୀ। ଏଣୁ ଓଡ଼ିଆ ଗୌରବକୁ ରକ୍ଷା କରି ସେହିଭଳି ନୂତନ, ନିର୍ଭୀକ ଓ ସୃଜନାତ୍ମକ ଚଳଚ୍ଚିତ୍ର ନିର୍ମାଣ କରିବାର ଦାୟିତ୍ୱ ସିନେମା ଜଗତର ନିର୍ମାତା, ନିର୍ଦ୍ଦେଶକ ଓ ପ୍ରଯୋଜକମାନେ ନେବା ଉଚିତ। ଉନ୍ନତମାନର ସିନେମା ପ୍ରଦର୍ଶନ ହେଲେ ସିନେପ୍ରେମୀ ନିଶ୍ଚିତ ରୂପେ ଅଧିକ ସଂଖ୍ୟାରେ ପ୍ରେକ୍ଷାଳୟକୁ ଯାଇ ସିନେମା ଦେଖିବାକୁ ଆଗ୍ରହୀ ହେବେ। ଯାହା ଓଡ଼ିଆ ସିନେମା ଜଗତ ପାଇଁ ଅତ୍ୟନ୍ତ ଆବଶ୍ୟକ। ■

ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର
ମୋ: ୭୩୭୦୫୧୬୪୭୮





# ପୂଜା ବଜାରରେ ସିନେମା ଗୀତ

**ଗୀତ ବିନା ଦଶହରା ମେଲୋଡ଼ି ଓ ଭସାଣି ଅଧୁରା । ତେବେ ଚଳିତ ଦଶହରାରେ ପ୍ରେକ୍ଷାଳୟକୁ ଆସିଛି ଦୁଇଟି ସିନେମା 'ଚାରିଧାମ' ଓ 'ଚ୍ୟାଲେଞ୍ଜ' । 'ଚାରିଧାମ'ର ମୁଖ୍ୟ ଚରିତ୍ରରେ ଅନୁଭବ ଥିବା ବେଳେ 'ଚ୍ୟାଲେଞ୍ଜ' ଚଳଚ୍ଚିତ୍ରରେ ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଅର୍ଦ୍ଧେନ୍ଦୁ । ତେବେ ଏ ଦୁଇଟି ସିନେମା ରିଲିଜ୍ ହେବା ପୂର୍ବରୁ ହିଁ ଏହାର କିଛି ଗୀତକୁ ଦର୍ଶକମାନେ ଖୁବ୍ ପସନ୍ଦ କରିଛନ୍ତି । ବିଶେଷକରି 'କେର୍‌କେରା' ଏବଂ 'ଦୁଲ୍‌ଦୁଲି' ଗୀତ ପୂଜା ବଜାରରେ ଧମାଲ ମଚାଇଛି । ପୂଜା ମେଲୋଡ଼ିଠୁ ଆରମ୍ଭ କରି ଭସାଣିରେ ଏ ଦୁଇଟି ଗୀତ ପରିବେଶକୁ ସରଗରମ କରିଛି । ପ୍ରତିବର୍ଷ ପୂଜା ବଜାରରେ କିଛି ନା କିଛି ଚଳଚ୍ଚିତ୍ର ପରଦାକୁ ଆସେ । ଯାହାର ଗୀତ ଦଶହରାରେ ଚହଲ ସୃଷ୍ଟି କରେ । ତେବେ ଏଥର ଦଶହରାରେ କେଉଁ ସିନେମାର ଗୀତ ଚର୍ଚ୍ଚାରେ ରହିଥିଲା, ତାହାକୁ ନେଇ ଏହି ଉପସ୍ଥାପନା ।**

## 'ଦୁଲ୍ ଦୁଲି'ରେ ଦୁଲକିଲା ପେଣ୍ଡାଲ

ନିକଟରେ ପ୍ରେକ୍ଷାଳୟକୁ ଆସିଛି ବଡ଼ ବଜେଟ୍‌ର ସିନେମା 'ଚ୍ୟାଲେଞ୍ଜ' । ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍‌ରେ ନିର୍ମିତ ଏବଂ ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଅର୍ଦ୍ଧେନ୍ଦୁ ଏବଂ ଏଲିନା । ପ୍ରଥମଥର ପାଇଁ ଏହି ଦୁହିଁଙ୍କ ଯୋଡ଼ିକୁ ପରଦାରେ ଦେଖିବାକୁ ମିଳିଛି । ତେବେ ସିନେମା ରିଲିଜ୍ ପୂର୍ବରୁ ଏହାର କିଛି ଗୀତ ପ୍ରଥମେ ସାମ୍ନାକୁ ଆସିଥିଲା । ଯାହାକୁ ଦର୍ଶକଙ୍କର ଖୁବ୍ ବେଶି ଭଲପାଇବା ଆଗୁଆ ମିଳିଥିଲା । ଏଥିରେ ସମୁଦାୟ ଚାରିଟି ଗୀତ ରହିଛି । ପ୍ରଥମେ ଭାଙ୍ଗ ଗୀତଟି ରିଲିଜ୍ ହୋଇଥିଲା । ଏହି ଫିଲ୍ମର ପ୍ରତ୍ୟେକ ଗୀତକୁ ବେଶ୍ ସଫଳତା ମିଳିଛି । ବିଶେଷକରି 'ଦୁଲ୍‌ଦୁଲି' ଗୀତରେ ଅର୍ଦ୍ଧେନ୍ଦୁ ଏବଂ ଏଲିନାଙ୍କ ଦମ୍‌ଦାର ଡ୍ୟାନ୍ସ ପାର୍ବଣ ପେଣ୍ଡାଲକୁ ଦୁଲୁକାଇଛି । ଅନ୍ୟପଟେ ଏବେ ସିନେମା ରିଲିଜ୍ ହେବା ପରେ ପ୍ରେକ୍ଷାଳୟରେ 'ଦୁଲ୍‌ଦୁଲି'ର ତାଳେ ତାଳେ ଦର୍ଶକେ ବି ନାଚି ଉଠିଛନ୍ତି । ତେବେ ଏ ଗୀତରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ସୁନ୍ଦର କଥା ରହିଛି । ଗୋଟିପୁଅ, ଛଉ, ପାଇକ ଆଖଡ଼ା ଭଳି ବିଭିନ୍ନ ପାରମ୍ପରିକ ନୃତ୍ୟକୁ ଗୀତରେ ସ୍ଥାନ ଦିଆଯାଇ ଏହାର ପ୍ରଚାର ପ୍ରସାର ଉପରେ ପ୍ରାଧାନ୍ୟ ଦିଆଯାଇଛି । ଅନ୍ୟପଟେ ଏହି ସିନେମାରେ ବହୁ ବର୍ଷ ପରେ ଏକାଠି ପରଦାରେ ପୁପିନ୍ଦର ଓ ଲିପିଙ୍କୁ ଦେଖିବାକୁ ମିଳିଛି । ତା'ସହ ଏହାର କାହାଣୀକୁ ଦର୍ଶକେ ଖୁବ୍ ପସନ୍ଦ ମଧ୍ୟ କରିଥିବା ଦେଖାଯାଉଛି ।





## 'କେର୍‌କେରା'ରେ . କମ୍ପିଛି ପାର୍ବଣ

'ଚାରିଧାମ' ସିନେମା ପାଇଁ ହଲ୍‌ରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି । ଆକ୍ସନ୍ ଓ ଡ୍ରାମା ସହିତ ଏହାର ଗୀତର ମଜା ନେଇଛନ୍ତି ଦର୍ଶକେ । ଏଥିରେ ଅନୁଭବଙ୍କ ସମେତ ଅନୁରାଧା ପାଣିଗ୍ରାହୀ ନଜର ଆସିଛନ୍ତି । ଅନୁରାଧାଙ୍କୁ ସାଉଥ୍ ଲୁକ୍‌କୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ତେବେ ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟା ଦାସ । ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ସୋମେଶ ଶତପଥୀ ଏବଂ ବୈଦ୍ୟନାଥ ଦାସ । ଏହାର ଆଇଟମ୍ ଗୀତ 'କେର୍‌କେରା' ରିଲିଜ୍ ହେବା ଦିନରୁ ଚହଳ ସୃଷ୍ଟି କରିଛି । ଗୀତଟିରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର । ଏହି ଗୀତରେ ଅନୁଭବଙ୍କ ସହ ନଜର ଆସିଛନ୍ତି ଶିବନୀ । ଶିବାନୀଙ୍କୁ ପ୍ରଥମ ଥର ପାଇଁ ଆଇଟମ୍ ଗର୍ଲ ଭାବେ ଦେଖିବାକୁ ମିଳିଛି । ସେହିପରି ଯୁବପିଢ଼ିଙ୍କ ମଧ୍ୟରେ ଗୀତଟି ଖୁବ୍ ଲୋକପ୍ରିୟ ହୋଇଛି । ଫିଲ୍ମର ପ୍ରଚାର ପ୍ରସାର ଯେଉଁଠି କରାଯାଇଛି, ସେଠାରେ ଏହି ଗୀତଟିର ଚର୍ଚ୍ଚା ବି ହୋଇଛି । ଗୀତ ସହିତ ଏହାର ଡ୍ୟାନ୍ସକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି । ତେଣୁ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି, ପାର୍ବଣ ଓ ଭସାଣିର ମାହୋଲ ପୂରା 'ଚାରିଧାମ'ର 'କେରକେରା' ଗୀତରେ କମ୍ପି ଉଠିଛି ।





## ମେଲୋଡ଼ିରେ ଜଲ୍‌ସାର ଜଲୱା

ନୂଆ ଓଡ଼ିଆ ସିନେମା 'ମନ୍ତ୍ରମୁଗ୍ଧ'ର ପ୍ରଥମ ଗୀତ 'ଜଲ୍‌ସା'କୁ ରିଲିଜ୍ କରାଯାଇଛି । ଯାହାର କ୍ରେଜ୍ ଯୁବପିଢ଼ିଙ୍କଠାରେ ଅଧିକ । ସାମାଜିକ ଗଣମାଧ୍ୟମରେ 'ଜଲ୍‌ସା' ଖୁବ୍ ଭାଇରାଲ୍ ହେଉଛି । ଗଣେଶ ପୂଜାରେ ଏହାର ଲୋକପ୍ରିୟତା ଦେଖିବାକୁ ମିଳିଥିବା ବେଳେ ଦଶହରାରେ ବି 'ଜଲସାର ଜଲୱା' ଦେଖିବାକୁ ମିଳିଥିଲା । ବିଶେଷକରି ପୂଜା ମେଲୋଡ଼ିରେ ଏହା ଯୁବପିଢ଼ିଙ୍କୁ ମତୁଆଲା କରିଛି । ଗୀତଟିକୁ ଗାଇଛନ୍ତି ହ୍ୟୁମାନ ସାଗର ଏବଂ ଅନ୍ତରା ଚକ୍ରବର୍ତ୍ତୀ । ସେହିପରି ଗୀତ ରଚନା କରିଛନ୍ତି ମନୋଜ କୁମାର ପଣ୍ଡା । ଗୀତଟିରେ ନଜର ଆସିଛନ୍ତି ସୂର୍ଯ୍ୟମୟୀ, ସନୋଜ, ମନ୍ମୟ ଏବଂ ସାର୍ଥକ । ସେମାନଙ୍କର ଦମ୍‌ଦାର ଡ୍ୟାନ୍ସ ଗୀତଟିକୁ ଅଧିକ ଆକର୍ଷଣୀୟ କରିଛି । ଏହି ଗୀତଟିକୁ ଓଡ଼ିଆ ଚଳଚ୍ଚିତ୍ରର ସବୁଠାରୁ ଦାମୀ ତଥା ବ୍ୟୟବହୁଳ ଗୀତ ବୋଲି କୁହାଯାଉଛି । ଏହାର ନିର୍ମାଣ ଲାଗି ପ୍ରାୟ ୨୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଛି । ଆଖି ଝଲସା ଆଲୋକ ସାଙ୍ଗକୁ ଅତ୍ୟାଧୁନିକ ଡ୍ୟାନ୍ସ ଫ୍ଲୋର୍ ଓ ଆକର୍ଷଣୀୟ ସେଟ୍ ଏହାକୁ ଅଧିକ ଦୃଷ୍ଟି ଆକର୍ଷଣ କରିପାରିଛି । ବର୍ତ୍ତମାନ ଯୁବ ବର୍ଗର ଶ୍ରୋତା ଓ ଦର୍ଶକ ଏହାକୁ ନେଇ ସର୍ବାଧିକ ରିଲ୍‌ସ କରୁଛନ୍ତି । ଫିଲ୍ମ 'ମନ୍ତ୍ରମୁଗ୍ଧ'ରେ ସ୍ଥାନୀତ ଏହି ଗୀତର ପରିକଳ୍ପନା କରିଛନ୍ତି ଯୁବ ପ୍ରଯୋଜିକା ବର୍ଷା ପଟ୍ଟନାୟକ ଓ ଯୁବ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ । ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ । ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ଅମିତ । ପାର୍ବଣର ମେଲୋଡି ଓ ଭସାଣିରେ ଗୀତଟି ଖୁବ୍ ଧମାଲ ମଚାଇବ । ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

## ଚର୍ଚ୍ଚାରେ 'ଛିରେ ନନୀ'

ଅଗଷ୍ଟରେ ମୁକ୍ତିଲାଭ କରିଥିବା ସୀତାରାମ୍ ଅଗ୍ରୱାଲ୍‌ଙ୍କ 'ଛିରେ ନନି' ସିନେମାର ଗୀତ ବି ଏଥର ପୂଜା ବଜାରରେ ଚହଳ ସୃଷ୍ଟି କରିଛି । ସାରା ବିଶ୍ୱରେ ଚର୍ଚ୍ଚାରେ ଥିବା ଭାଇରାଲ ଗୀତ 'ଛିରେ ନନୀ'କୁ ଏଥିରେ ଦର୍ଶକ ନୂଆ ଭାବେ



ଦେଖିଛନ୍ତି । ଗୀତଟି ଶୈଳେନ୍ଦ୍ର ଓ ଶିବାନୀଙ୍କ ଉପରେ ଦୃଶ୍ୟାୟିତ ହୋଇଛି । ଏହି ନୂତନ ପିଢ଼ିର ରୋମାଣ୍ଟିକ୍ ଫିଲ୍ମ ନିରୀହ ପ୍ରେମ, ଗ୍ରାମ୍ୟ ବାସ୍ତବତା ଓ ହୃଦୟ ବିଦାରକ ନାଟକୀୟତାକୁ ଏକତ୍ର କରିଛି । ସିଦ୍ଧାର୍ଥ ମ୍ୟୁଜିକ୍ ବ୍ୟାନର୍‌ରେ ଏହି ଚଳଚ୍ଚିତ୍ର ନିର୍ମିତ ହୋଇଛି । ଶିବାନୀ ସଙ୍ଗୀତା, ଶୈଳେନ୍ଦ୍ର ଓ ଦ୍ୱୀପନ୍ୱିତ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଏହି ଫିଲ୍ମ ତା'ର ବରିଷ୍ଠ କାହାଣୀ ଯୋଗୁଁ ଆରମ୍ଭରୁ ହିଁ ଚର୍ଚ୍ଚାରେ ଥିଲା ।



## ଝିଅର ସ୍କୁଟା ଢିଲା

ସେପ୍ଟେମ୍ବର ୧୨ରେ ମୁକ୍ତିଲାଭ କରିଥିବା 'ଲହରୀ' ସିନେମାର 'ଝିଅର ସ୍କୁଟା ଢିଲା, ନିଜ ଦିଲ୍ ନିଜର ଥିଲା, କେମିତି ସେ ଫଶିଗଲା ପ୍ରେମଲୀଳାରେ...' ଗୀତଟି ବି ଟ୍ରେଣ୍ଡରେ ଅଛି । ଗୀତଟିରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଏବଂ ନବ୍ୟା ଜାଇତି । ଏ ଦୃଷ୍ଟିରୁ ଏହା ମଧ୍ୟ ପୂଜା ବଜାରରେ ଚର୍ଚ୍ଚା ସାଉଁଟିଛି । ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ଏହି ସିନେମାକୁ ପ୍ରଯୋଜନା କରିଛନ୍ତି ଯୁବ ନିର୍ମାତ୍ରୀ ଝିଲିକ ଭଟ୍ଟାଚାର୍ଯ୍ୟ । ଏହାର କାହାଣୀକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି । ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ସ୍ୱସ୍ତିକ ଚୌଧୁରୀ, ଜେଇନବ ଡୋଇୟର ପ୍ରମୁଖ ଅଭିନୟ କରିଛନ୍ତି । ଏଥିରେ ସଙ୍ଗୀତ ଦେଇଛନ୍ତି କିଶଳୟ ରୟ ।



## 'ଘାମଘୋଟ୍' ଗୀତକୁ ପସନ୍ଦ

ଚିରାଚରିତ ପ୍ରେମ, ବିରହ ଓ ପାରିବାରିକ କାହାଣୀଠୁ ଟିକେ ଅଲଗା ଥିଲା 'ଘମାଘୋଟ' । ରାଜା ଡି.ଙ୍କର ବଳିଷ୍ଠ ନିର୍ଦ୍ଦେଶନାରେ ସିନେମାଟିକୁ ସଫଳତା ମିଳିଛି । ଏହାର ଶୀର୍ଷକ ଗୀତ ବି ଦମ୍‌ଦାର ହେଇଛି । ତେଣୁ ଏହା ବି ପୂଜା ମେଲୋଡ଼ିରେ ସାମିଲ ହୋଇଥିଲା । ଗୀତ, ମ୍ୟୁଜିକ, ଡ୍ୟାନ୍ସ ସବୁ କିଛିକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ସନୋଜ, ବିଭାସ, ସନ୍ଦୀପ, ଆକାଶ, ମିଷ୍ଟର ରାଉତ, କେକେ, ଶୈଳେନ୍ଦ୍ର, ଜୟଶ୍ରୀ, ଶ୍ରେୟା ପ୍ରମୁଖ କଳାକାର ଅଭିନୟ କରିଛନ୍ତି ।

ଦଶହରାରେ ମେଲୋଡ଼ି ହେଉ କି ଭସାଣି ସବୁଠି କେତୋଟି ଓଡ଼ିଆ ଚଳଚ୍ଚିତ୍ରର ଗୀତ ଶ୍ରୋତାମାନଙ୍କୁ ମତୁଆଲା କରିଥିଲା । ଗୀତର ତାଳେ ତାଳେ ଦର୍ଶକମାନେ ଝୁମି ଉଠିଥିଲେ । ■

## 'ଆମ ସାହିର ଲୋକାଲ ମାଧୁରୀ'ର ଆକର୍ଷଣ

ଜ୍ୟୋତି ରଞ୍ଜନ ମହାନ୍ତିଙ୍କ ପ୍ରଯୋଜିତ ଏବଂ ଅଶ୍ୱିନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ସିନେମା 'ଡେଲିଭରି ବୟ-୨'କୁ ମଧ୍ୟ ଦର୍ଶକୀୟ ଆଦୃତି ମିଳିଛି । ଏହା ବ୍ୟାବସାୟିକ ସଫଳତା ବି ଲାଭ କରିଛି । ଯଦିଓ ସିନେମାଟି ଦଶହରା ପୂର୍ବରୁ ପ୍ରେକ୍ଷାଳୟକୁ ଆସିଥିଲା, ତଥାପି ଏହାର ଆକର୍ଷଣ ଏଯାଏଁ କମିନି । ବିଶେଷକରି ଏହାର ଗୀତ 'ଆମ ସାହିର ଲୋକାଲ ମାଧୁରୀ' ପାଇଁ । ସିନେମାର କାହାଣୀ ସହିତ 'ଲୋକାଲ ମାଧୁରୀ' ଗୀତଟି ଖୁବ୍ ଚର୍ଚ୍ଚା ସାଉଁଟୁଛି । 'ଉକ୍ତ ଗୀତଟିରେ ଭୂମିକା, ବୁଦ୍ଧାଦିତ୍ୟ, ଶୈଳେନ୍ଦ୍ର, ଅର୍ଚ୍ଚିତା, ପ୍ରିୟମ୍ବଦା ନଜର ଆସିଛନ୍ତି । ଏହି ସମସ୍ତ କଳାକାରଙ୍କ ଡ୍ୟାନ୍ସ ଗୀତଟିକୁ ଅଧିକ ଆକର୍ଷଣୀୟ କରିଛି । ହ୍ୟୁମାନ ସାଗର, ଅସୀମା ପଣ୍ଡା, ଚିରାଗ ଦୀପ ପଣ୍ଡା ଏଥିରେ କଣ୍ଠଦାନ କରିଥିବା ବେଳେ ଗୀତଟି ରଚନା କରିଛନ୍ତି ଡା. ନିର୍ମଳ ନାୟକ । ସଙ୍ଗୀତରେ ଅଛନ୍ତି ବୈଦ୍ୟନାଥ ଦାସ । ଗୀତଟିର ଆକର୍ଷଣ ଏତେ ଯେ, ଦୁର୍ଗା ପୂଜା ମେଲୋଡ଼ିରେ ବି ଏଥିରେ ମତୁଆଲା କରିଛି ।






# ଦଶହରାରେ ଓଡ଼ିଆ ସିନେମା ଲଢ଼େଇ



ଓଡ଼ିଶାରେ ସିନେମାର ଏକ ଦୀର୍ଘ ଇତିହାସ ଅଛି । ଅନେକ ଓଡ଼ିଆ ସିନେମା ଏବଂ ଓଡ଼ିଆ କଳାକାର ଜାତୀୟ ସ୍ତରରେ ସୁନାମ କରି ପ୍ରଶଂସିତ ହୋଇଛନ୍ତି । ସିନେମାର କାହାଣୀ, ସଂଳାପ, ଅଭିନୟ ଏବଂ ଗ୍ରାଫିକ୍ସ ଉପରେ ସାଧାରଣତଃ ସିନେମାର ସଫଳତା ନିର୍ଭର କରେ । ତାହାସହ ବର୍ତ୍ତମାନ ଓଡ଼ିଆ ସିନେମା ଧୀରେ ଧୀରେ ତାହାର ସ୍ୱର୍ଣ୍ଣିମ ସମୟ ଫେରି ପାଇଛି ବୋଲି ମନେ ହେଉଛି । ଏହା ବାଦ୍ ସିନେମା କେଉଁ ସମୟରେ ମୁକ୍ତିଲାଭ କରୁଛି, ତାହାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଯାହା ସିନେମାକୁ ସୁପରହିଟ୍ କରେ ଅବା ସିନେମା ବିଫଳତା ସାଉଁଟେ ।





ସତ୍ୟବ୍ରତ ପାଣିଗ୍ରାହୀ

## ଦଶହରାକୁ ଅପେକ୍ଷା

ଦଶହରା ହେଉଛି ଓଡ଼ିଆଙ୍କ ବଡ଼ ଉତ୍ସବ । ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ଏହି ସମୟରେ ମୁକ୍ତିଲାଭ କରିବାର ଭିନ୍ନ ଭିନ୍ନ କାରଣ ରହିଛି । ମା' ଦୁର୍ଗାଙ୍କ ଏହି ପବିତ୍ର ଉତ୍ସବ ସାଧାରଣ ଲୋକଙ୍କୁ ଆକର୍ଷିତ କରେ ଏବଂ ସେମାନଙ୍କ ମନରେ ଗୁଞ୍ଜରଣ ଭରି ଦିଏ ସିନେମା। ପ୍ରମୁଖ ଭାରତୀୟ ପର୍ବପର୍ବାଣିଗୁଡ଼ିକ ପରି ଦଶହରା ସମୟରେ ଲୋକମାନେ ଉତ୍ସବର ମନୋଭାବରେ ମତୁଆଲା ଥାଆନ୍ତି। ଅଧିକ ଅବସର ପାଆନ୍ତି। ନୂତନ ମୁକ୍ତିଲାଭ କରୁଥିବା ସିନେମା ଦେଖିବାକୁ ଆଗ୍ରହୀ ହୁଅନ୍ତି। ଯାହା ଫଳରେ ବକ୍ସ ଅଫିସ୍‌ରେ ସଫଳତା ହାସଲ କରେ ଅନେକ ସିନେମା ।

## ଉତ୍ସବ ମନୋଭାବ ଏବଂ ଦର୍ଶକ

ଦଶହରା ହେଉଛି ଓଡ଼ିଶାରେ ବହୁତ ଉତ୍ସାହର ସହିତ ପାଳିତ ଏକ ପ୍ରମୁଖ ଉତ୍ସବ। ଲୋକମାନେ ସାଧାରଣତଃ ଉତ୍ସବର ମନୋଭାବରେ ଥାଆନ୍ତି, ଯାହା ଫଳରେ ସେମାନେ ସିନେମା ହଲ୍‌କୁ ଯିବାର ସମ୍ଭାବନା ଅଧିକ ଥାଏ। ଫଳରେ ସିନେମା ସାଧାରଣ ଦିନ ଅପେକ୍ଷା ଅଧିକ ବ୍ୟବସାୟ କରି ସଫଳ ହେବାର ସମ୍ଭାବନା ବେଶ୍ ଅଧିକ।



## ଅବକାଶ ସମୟ

ଦଶହରାରେ ଲୋକମାନେ ପ୍ରାୟତଃ କାମରୁ ଛୁଟି ନେଇ ଥାଆନ୍ତି। ସେମାନେ ପ୍ରାୟତଃ ଅବକାଶକୁ ମନଭରି ଉପଭୋଗ କରିବାକୁ ପସନ୍ଦ କରନ୍ତି। ସେମାନେ ନିଜ ପରିବାର ଏବଂ ବନ୍ଧୁମାନଙ୍କ ସହିତ ଅଧିକ ସମୟ ବିତାଇବାକୁ ଭଲ ପାଆନ୍ତି। ଫଳରେ ଏହି ସମୟରେ ଓଡ଼ିଆ ସିନେମା ଅଧିକରୁ ଅଧିକ ଦର୍ଶକ ଦେଖନ୍ତି। ହଲ୍‌କୁ ଯାଇ ତାହାକୁ ସଫଳତାର ଶୀର୍ଷରେ ପହଞ୍ଚାଇ ଥାଆନ୍ତି। ମନୋରଞ୍ଜନର ଉଚ୍ଚ ଚାହିଦାକୁ ପୁଞ୍ଜି କରିବା ପାଇଁ ଦଶହରା ଏକ ପ୍ରମୁଖ ଉତ୍ସବ। ଏହି ସମୟରେ ଏକ ଚଳଚ୍ଚିତ୍ର ମୁକ୍ତିଲାଭ କରିବା ସମଗ୍ର ଭାରତରେ ଏକ ସାଧାରଣ ରଣନୀତି। ଯାହା ଓଡ଼ିଆ ସିନେମା ଜଗତରେ ମଧ୍ୟ ପ୍ରତିଫଳିତ ହୋଇଥାଏ।

## ସିନେମା ହଲମୁହାଁ କାହିଁକି ହୁଅନ୍ତି ଦର୍ଶକ

ଉତ୍ସବଗୁଡ଼ିକ ଅଧିକ ଲୋକଙ୍କୁ ଥିଏଟରକୁ ଆସିବାକୁ ବାଧ୍ୟ କରେ। ଏହି ସମୟରେ ଓଡ଼ିଆ ସିନେମା ରିଲିଜ୍ ହେଲେ ଅଧିକ ଦର୍ଶକ ଦେଖି ଥାଆନ୍ତି। ସେମାନଙ୍କର ସଫଳତାର ସମ୍ଭାବନା ବୃଦ୍ଧି କରନ୍ତି। କାରଣ ଅନେକ ବଡ଼ ବଡ଼ ନିର୍ଦ୍ଦେଶକ ତଥା ପ୍ରଯୋଜକ ଏହି ସମୟରେ ହିଁ ଭିନ୍ନ ଧରଣର ସିନେମା ନେଇ ଆସନ୍ତି। ତାହା ସହ ନିଜର ପ୍ରିୟ କଳାକାରଙ୍କୁ ଶାରଦୀୟ ଉତ୍ସବରେ ନୂଆ ଭୂମିକାରେ ଦେଖିବାକୁ ପାଆନ୍ତି ସିନେପ୍ରେମୀ।

## ପ୍ରତିଯୋଗିତା ଏବଂ ସ୍କ୍ରିନ୍ ସ୍ଥାନ

ସୁଯୋଗ ଥିବା ସତ୍ତ୍ୱେ, ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ପ୍ରାୟତଃ ପରଦା ସ୍ଥାନ ପାଇଁ ସର୍ବଭାରତୀୟ ଚଳଚ୍ଚିତ୍ର (ବଲିଉଡ୍ ଏବଂ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର) ଠାରୁ କଠିନ ପ୍ରତିଯୋଗିତାର ସମ୍ମୁଖୀନ ହୁଅନ୍ତି। ଯାହା ପ୍ରାରମ୍ଭିକ ଆକର୍ଷଣ ହାସଲ ପାଇଁ ମହୋତ୍ସବ ମୁକ୍ତିଲାଭକୁ ଗୁରୁତ୍ୱପୂର୍ଣ୍ଣ କରିଥାଏ। ଦଶହରା ସେଥିରୁ ସ୍ୱତନ୍ତ୍ର। ଚଳିତ ଦଶହରାରେ ମଧ୍ୟ ଓଡ଼ିଆ ସିନେ ଜଗତ ଚଳଚଞ୍ଚଳ ହୋଇଛି ଟିକେ ଭିନ୍ନ ଅନ୍ଦାଜରେ। ଏଥର ଶାରଦୀୟ ଦୁର୍ଗାପୂଜାରେ ମୁକ୍ତିଲାଭ କରିଥିବା କେତେକ ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।





## କାହାଣୀକୁ ନେଇ ଚର୍ଚ୍ଚାରେ 'ଚାରିଧାମ'

ଓଲିଉଡ ଯୁବ ନିର୍ଦ୍ଦେଶକ ତାପସ ସରଘରିଆଙ୍କ ବହୁ ପ୍ରତୀକ୍ଷିତ ସିନେମା 'ଚାରିଧାମ' ଦଶହରାରେ ରିଲିଜ୍ ହୋଇଛି । ସିନେମାରେ ପୁରୀ ସହ ଅନ୍ୟ ତିନୋଟି ମୁଖ୍ୟ ଧାମ ପ୍ରଦର୍ଶିତ ହୋଇଛି । ବାପା ମା'ଙ୍କ ପ୍ରତି ଥିବା ପିଲାଙ୍କର ଭଲପାଇବା କର୍ତ୍ତବ୍ୟ ସହ ବାପା ମାଆ କିଭଳି ଆମ ପାଇଁ ଚଳନ୍ତି ଦେବତା ସାଜିଥାନ୍ତି, ସେହି ବାର୍ତ୍ତା ଏହି ଚଳଚ୍ଚିତ୍ରରେ ଦିଆଯାଇଛି । ଏଥିରେ ଓଲିଉଡ୍ ଭାଇଜାନ ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ସହ ପ୍ରଥମ ଥର ପାଇଁ ନାୟିକା ସାଜିଛନ୍ତି ଅନୁରାଧା ପାଣିଗ୍ରାହୀ । ଏହା ହିମାଦ୍ରି ତନୟ ଦାସଙ୍କ ସିନେମା ଯାହାକୁ ନେଇ ବହୁ ଆଶା ଆକାଂକ୍ଷା ରହିଛି । ପ୍ରଥମ ଥର ପାଇଁ ଏହି ସିନେମାରେ ଅଭିନେତ୍ରୀ ଶିବାନୀ ଆଇଟମ ଗୀତ 'କେର୍‌କେରା' ମାଧ୍ୟମରେ ସାରା ଓଡ଼ିଶାରେ ଚହଳ ସୃଷ୍ଟି କରିଛନ୍ତି ।

## କଳାତ୍ମକ ସିନେମା 'ଲହରୀ'




ଅନୁଭବ ମହାନ୍ତିଙ୍କୁ ଟକ୍କର ଦେବା ପାଇଁ ଶାରଦୀୟ ଦୁର୍ଗା ପୂଜାରେ ପ୍ରେକ୍ଷାଳୟକୁ ଆସିଛି ଆଇଏଫ୍ଏଫ୍ଏମ୍‌ରେ ପ୍ରଦର୍ଶିତ ହୋଇଥିବା ସିନେମା 'ଲହରୀ' । ଏହା ଏକ ପାରାଲେଲ୍ ସିନେମା ବା କଳାତ୍ମକ ସିନେମା । ଜୀବନ ଓ ଯୌବନରେ ଆସୁଥିବା ଝଡ଼, ଢେଉ ଓ ମୋଡ଼କୁ ନେଇ ପ୍ରସ୍ତୁତ ଓଡ଼ିଆ ଫିଲ୍ମ 'ଲହରୀ' । କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିବା ପରେ ବଡ଼ ପରଦାରେ ରିଲିଜ ହୋଇଛି । ସାମାଜିକ ଜୀବନ କଥା ଓ ବାପ ପୁଅର ସମ୍ପର୍କ ଉପରେ ଆଧାରିତ ଏହାର କାହାଣୀ । ଏଥିରେ ହସର ଲହରୀ ଯେମିତି, ଲୁହର ଲହରୀ ବି ସେମିତି ବାସ୍ତବ ଜୀବନର ଅନେକ ଉତ୍‌ଥାନ ପତନକୁ ଏଥିରେ ଚିତ୍ରିତ କରାଯାଇଛି । ଅଭିନେତ୍ରୀରୁ ସିନେ ନିର୍ମାତା ସାଜିଥିବା ଯୁବ ପ୍ରଯୋଜିକା ଝିଲିକ ଭଟ୍ଟାଚାର୍ଯ୍ୟ ଏହି ସିନେମାକୁ ନିର୍ମାଣ କରିଛନ୍ତି । ଏଥିରେ ଓଡ଼ିଶାର ଆଞ୍ଚଳିକ କଳା, ସଂସ୍କୃତି ତଥା ପରମ୍ପରାକୁ ସ୍ୱତନ୍ତ୍ର ସ୍ଥାନ ମିଳିଛି । ଯାହା ଦେଶ ତଥା ବିଦେଶରେ ମଧ୍ୟ ଅନେକ ପ୍ରଶଂସା ସାଉଁଟିଛି । ସିନେମାରେ ବରିଷ୍ଠ ଅଭିନେତା ଚୌଧୁରୀ ବିକାଶ ଦାସଙ୍କ ସହ ଦୀପନ୍‌ବିତ ମହାପାତ୍ରଙ୍କ ଭଳି ଅଭିନେତାଙ୍କ ଜୀବନ୍ତ ଅଭିନୟ ଦେଖିବାକୁ ମିଳିଛି । ଅମିତାଭ ଭଟ୍ଟାଚାର୍ଯ୍ୟଙ୍କ କ୍ଷଣିକ, ଏଡିୟୁ ଗୋଦାର୍ଡ ପରେ ଏହା ଅନ୍ୟତମ ସିନେମା ।



## ବିଗ୍ ବଜେଟ୍ ସିନେମା 'ଚ୍ୟାଲେଞ୍ଜ'

ଦଶହରାରେ ଆଉ ଏକ ସିନେମା ରିଲିଜ୍ ହୋଇଛି ଯାହାକୁ ଓଡ଼ିଆ ସିନେମା ବିଗ୍ ବଜେଟ ସିନେମା ଭାବରେ ବିବେଚନା କରା ଯାଉଛି । ନାଁ 'ଚ୍ୟାଲେଞ୍ଜ' । ଏହି ସିନେମାରେ ଅଭିନେତା ଅର୍ଦ୍ଧେନ୍ଦୁଙ୍କ ସହ ଏଲିନା ସାମନ୍ତରାୟ, ପୁପିନ୍ଦର ସିଂ ତଥା ଲିପି ମହାପାତ୍ରଙ୍କ ଭଳି ଅନେକ କଳାକାର ଅଭିନୟ କରିଛନ୍ତି । ଜି ସାର୍ଥକ ସହଭାଗିତାରେ ଏହି ସିନେମାକୁ ନିର୍ମାଣ କରିଛି 'ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ' । ତେବେ 'ଚ୍ୟାଲେଞ୍ଜ' ଭଳି ବଡ଼ ବଜେଟ ସିନେମା 'ଲହରୀ', 'ଚାରିଧାମ' ସହ କେମିତି ବ୍ୟବସାୟ କରୁଛି ତାହା ଦେଖିବାକୁ ବାକି ରହିଲା ।

## ଗତ ଦଶହରାରେ ରେକର୍ଡ ଆୟ

ଓଡ଼ିଆ ସିନେମାକୁ ଗତ ଦୁଇ ବର୍ଷ ମଧ୍ୟରେ ଦଶହରା ଶିଖରକୁ ନେଇଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । କାରଣ ଗତ ୨୦୨୪ ପୂଜା ବଜାରରେ ରିଲିଜ୍ ହୋଇଥିବା ସୁପରଷ୍ଟାର୍ ଅନୁଭବ ମହାନ୍ତିଙ୍କ ସିନେମା 'କର୍ମ', ଯାହା ପାଖାପାଖି ୧୦ କୋଟିରୁ ଅଧିକ ଟଙ୍କା ଆଦାୟ କରିଥିଲା । ପ୍ରତ୍ୟେକ ମଣିଷକୁ କୃତ କର୍ମର ଫଳ ଦିନେ ନିଶ୍ଚୟ ଭୋଗିବାକୁ ପଡ଼ିବ, ଏଇ ସିଦ୍ଧାନ୍ତ ଉପରେ ସିନେମାଟି ଆଧାରିତ । ଭଗବାନଙ୍କୁ ମଧ୍ୟ ନିଜ କର୍ମର ଫଳ ଭୋଗିବାକୁ ପଡ଼ିଛି, ତେଣୁ ମଣିଷ ଏଥିରୁ ବାଦ୍ ପଡ଼ିବା ଅସମ୍ଭବ, ଏଇ ଧାରଣାକୁ ଏଥିରେ ଦର୍ଶାଯାଇଛି । ରୋମାଞ୍ଚଭରା କାହାଣୀ, ଲୋମ ଟାଙ୍କୁରା ଦୃଶ୍ୟ ଓ ଆକର୍ଷଣୀୟ ସଂଳାପ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ତାହା ସହ 'ବୋଉ ବୁଟୁ ଭୂତ' ଭଳି ସିନେମା କରି ରେକର୍ଡ କରିଥିବା ବାବୁଶାନ ମଧ୍ୟ ଗତ ଦଶହରାରେ ଭେଟି ଦେଇଥିଲେ ଭିନ୍ନ ଧାରାର ଚଳଚ୍ଚିତ୍ର 'ମାଲ୍ୟଗିରି' । ଏହି ସିନେମା ମଧ୍ୟ ଓଡ଼ିଆ ସଂସ୍କୃତି, ପରମ୍ପରାର ନୂଆ ଅଧ୍ୟାୟ ଲେଖିଥିଲା ଓ ସିନେମା ହଲରେ ରାଜ୍ କରିଥିଲା । ଫଳରେ ଧୀରେ ଧୀରେ ବିଗତ ଦୁଇ ବର୍ଷ ମଧ୍ୟରେ ଓଡ଼ିଆ ସିନେମା ବଲିଉଡ୍ ତଥା ଦକ୍ଷିଣ ଭାରତୀୟ ସିନେମାକୁ ମଧ୍ୟ ଟକ୍କର ଦେଉଛି ନିଜର ଦମ୍‌ଦାର କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ମାଧ୍ୟମରେ । ଏଥର ବି କଳାତ୍ମକ ସିନେମା 'ଲହରୀ' ତଥା 'ଚାରିଧାମ' ଓ 'ଚ୍ୟାଲେଞ୍ଜ' ଭଳି ଓଡ଼ିଆ ସିନେମା ପୂଜା ବଜାରକୁ ହୁଲସ୍ଥୁଲ କରିବ ବୋଲି ସିନେପ୍ରେମୀ ଆଶା ରଖିଛନ୍ତି ।

## ପାର୍ବଣ ଋତୁରେ ସୀମିତ ନରହୁ

ଓଡ଼ିଆ ସିନେମାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସିନେମାର ଆବୃତ୍ତି ସବୁ ସମୟରେ ହେବାର ଆବଶ୍ୟକତା ରହିଛି । କେବଳ ପାର୍ବଣ ଋତୁରେ ସିନେମା ରିଲିଜକୁ ଅପେକ୍ଷା କରିବା ଦ୍ୱାରା ଚଳଚ୍ଚିତ୍ର ବ୍ୟବସାୟ ଏବଂ ଓଡ଼ିଆ ସିନେମା ଶିଳ୍ପର ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଦଶହରା ଏବଂ ରଜକୁ ଛାଡ଼ି ଦେଲେ ପ୍ରାୟ ଅନ୍ୟ ସମୟରେ ହଲରେ ଓଡ଼ିଆ ଦର୍ଶକଙ୍କ ସଂଖ୍ୟା କମ ରହୁଛି । ଯାହା ସିନେପ୍ରେମୀଙ୍କୁ ନିରାଶ କରୁଛି । ତେଣୁ କେବଳ ପାର୍ବଣ ଋତୁରେ ସୀମିତ ନ ରହି, ବର୍ଷ ତମାମ ଯେମିତି ଓଡ଼ିଆ ସିନେମା ଲୋକପ୍ରିୟତା ଏବଂ ବ୍ୟାବସାୟିକ ସଫଳତା ହାସଲ କରିପାରିବ, ସେ ଦିଗରେ ପ୍ରୟାସ ହେବା ଆବଶ୍ୟକ । ■



ଗୁଣୁପୁର, ରାୟଗଡ଼ା
ମୋ: ୬୩୭୧୬୮୪୬୯୯





# 'ଚ୍ୟାଲେଞ୍ଜ' ବନାମ 'ଚାରିଧାମ'


ଦଶହରା
ପୂଜା ବଜାରରେ ଛାଇ ହୋଇଯାଏ ନୂଆ ସିନେମାର ପୋଷ୍ଟର । ସବୁଠି ବଡ଼ ବଡ଼ ତାରକାଙ୍କ ହୋର୍ଡିଂ । ବିଭିନ୍ନ ପ୍ରଡକ୍ସନ ହାଉସ୍ ସହିତ କଳାକାରଙ୍କ ସିନେମା- ସିନେମାକୁ ନେଇ ଜମାଣିଆ ଲଢ଼େଇ ହୋଇଥାଏ । ଗାଁଠୁ ସହର ସବୁଠି ପ୍ରେକ୍ଷାଳୟରେ ସିନେପ୍ରେମୀଙ୍କ ଭିଡ଼ ଜମିଥାଏ । କେଉଁ ସିନେମାକୁ ଦର୍ଶକ ଭୂରି ଭୂରି ପ୍ରଶଂସା କରନ୍ତି ତ ଆଉ କେଉଁ ସିନେମାର ବିଫଳତାକୁ ନେଇ କରନ୍ତି ଚର୍ଚ୍ଚା । ଆଉ କେଉଁଠି ଦର୍ଶକଙ୍କ କରତାଳିରେ ସିନେମା ହଲ୍‌ଗୁଡ଼ିକ ପ୍ରକମ୍ପିତ ହୋଇଉଠେ । ତେବେ ଚଳିତ ପୂଜା ବଜାରରେ ରିଲିଜ୍ ହୋଇଥିବା ଓଡ଼ିଆ ସିନେମାର କାହାଣୀ ଦର୍ଶକଙ୍କ ଆଦୃତ ହେବ କି ନାହିଁ, ଫିଲ୍ମକୁ ବ୍ୟାବସାୟିକ ସଫଳତା ମିଳିବ କି ନାହିଁ ଆଦିକୁ ନେଇ ଏହି ସ୍ୱତନ୍ତ୍ର ଆଲୋଚନା ।

## ରଜ ଓ ଦଶହରାରେ ଓଡ଼ିଆ ଚଳଚ୍ଚିତ୍ର



ଦିଲ୍ଲୀପ ହାଲି

ରଜ ଓଡ଼ିଶାର ଏକ ପାରମ୍ପରିକ ଗଣପର୍ବ । ଏହି କୃଷିଭିତ୍ତିକ ପର୍ବରେ କର୍ମଚାରୀଙ୍କୁ ଛୁଟି ମିଳେ । ରଜରେ ଆମୋଦ ପ୍ରମୋଦ କରିବାକୁ ଲୋକମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି । ତେଣୁ ଏପରି ଏକ ସମୟରେ ଓଡ଼ିଆ ସିନେମା ପ୍ରଯୋଜନା ସଂସ୍ଥା ମଧ୍ୟରେ ସିନେମା ତିଆରିକୁ ନେଇ ବିଶେଷ ଆଗ୍ରହ ଦେଖାଯାଏ । ଫଳରେ ସେମାନେ ବଡ଼ ବଜେଟ୍‌ର ବାସ୍ତବ କାହାଣୀକୁ ନେଇ ସିନେମା ପ୍ରସ୍ତୁତ କରନ୍ତି । ଦର୍ଶକ ମଧ୍ୟ ପ୍ରେକ୍ଷାଳୟରେ ଫିଲ୍ମର ଭରପୂର ମଜା ନିଅନ୍ତି । ରଜ ପରି ଦଶହରା ମଧ୍ୟ ଓଡ଼ିଶାରେ ଉତ୍ସାହର ସହିତ ପାଳନ କରାଯାଏ । ଦଶହରାରେ ଲମ୍ବା ଛୁଟି ସମସ୍ତଙ୍କୁ ଏକତାର ରଜ୍ଜୁରେ ବାନ୍ଧି ରଖେ । ତେଣୁ ଏପରି ଏକ ଉତ୍ସବ ମୁଖରିତ ପରିବେଶକୁ ପ୍ରଯୋଜକମାନେ ସ୍ୱତନ୍ତ୍ର କରିବାକୁ ଦର୍ଶକଙ୍କ ପାଇଁ ନୂଆ ନୂଆ ସିନେମା ପ୍ରସ୍ତୁତ କରନ୍ତି । ଫଳରେ ଲୋକମାନେ ପୂଜା ମେଢ଼ ବୁଲା ସାଙ୍ଗକୁ ପ୍ରେକ୍ଷାଳୟରେ ଓଡ଼ିଆ ସିନେମାର ବାସ୍ତବ କାହାଣୀ, ନାଚ, ଗୀତ, କମେଡ଼ି ଓ ମେଲୋଡ଼ି ଆଦିର ଭରପୂର ମଜା ନିଅନ୍ତି ।





## ଅତୀତର ଆଇନାରେ ଓଡ଼ିଆ ସିନେମା

୧୯୮୮ ଅକ୍ଟୋବର ମାସରେ ତିନିଟି ଓଡ଼ିଆ ସିନେମା ଯଥା- 'ପୁଅ ମୋର କଳା ଠାକୁର', 'ଯାହାକୁ ରଖିବେ ଅନନ୍ତ' ଓ 'ଅନ୍ୟାୟ ସହିବ ନାହିଁ' ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ପ୍ରଥମ କରି ଆରମ୍ଭ ହୋଇଥିଲା । ତିନିଟି ସିନେମା ମଧ୍ୟରେ ଅମୀୟ ପଟ୍ଟନାୟକଙ୍କ 'ପୁଅ ମୋର କଳା ଠାକୁର' ଓ ବସନ୍ତ ନାୟକଙ୍କ 'ଯାହାକୁ ରଖିବେ ଅନନ୍ତ' ବ୍ୟବସାୟ ଦୃଷ୍ଟିରୁ ବିଶେଷ ସଫଳତା ଲାଭ କରିଥିଲା । ସେହି ସିନେମା ଆଜି ବି ଦର୍ଶକଙ୍କ ହୃଦୟରେ ଘର କରି ରହିଛି । ତେଣୁ ସେହି ବର୍ଷ ପରଠାରୁ ପ୍ରଯୋଜକମାନେ ଭିନ୍ନ ଭିନ୍ନ ବର୍ଷରେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି, ମାତ୍ର ଅନେକ ସିନେମା ଏହା ଫଳରେ କ୍ଷତିଗ୍ରସ୍ତ ହେଲା । ଏହାର ମୂଳ କାରଣ ହେଉଛି, ସାଧାରଣ ଲୋକେ ଯାହାକୁ ଭଲ ପାଇଲେ, ସେଇ ବାର୍ତ୍ତା ସବୁ ଆଡ଼େ ବ୍ୟାପି ଯାଏ । ଏହା ଫଳରେ ପଲା ଭାରି ଯାହାର ହୁଏ, ସେ ସୁପରହିଟ୍ ଚଳଚ୍ଚିତ୍ର ଭାବେ ବ୍ୟାବସାୟିକ ସ୍ଥିତି ସୁଦୃଢ଼ ହୋଇଥାଏ । ଅନ୍ୟ ସିନେମାଗୁଡ଼ିକକୁ ଏତେଟା ଦର୍ଶକୀୟ ପ୍ରଶଂସା ମିଳେ ନାହିଁ ।

## ଗତବର୍ଷର ଚର୍ଚ୍ଚିତ ସିନେମା








ଗତବର୍ଷ ପୂଜା ବଜାରରେ ଅର୍ଥାତ୍ ୨୦୨୪ ମସିହାରେ ଓଡ଼ିଆ ସିନେମା 'କର୍ମ', 'ଭିଲେନ୍', 'ଖୋକାଭାଇ ତୁମ ପାଇଁ' ଓ 'ଦୁର୍ଗା' ଏହି ଚାରୋଟି ସିନେମା ରିଲିଜ୍ ହୋଇଥିଲା । ତନ୍ମଧ୍ୟରୁ ଅନୁପମ ପଟ୍ଟନାୟକଙ୍କ 'କର୍ମ' ସିନେମା ବିଶେଷ ସଫଳତା ପାଇଥିଲା । ଏହି ଫିଲ୍ମରେ ଅନୁଭବ ମହାନ୍ତି ଚମତ୍କାର ଅଭିନୟ କରିଥିଲେ । ସିନେମାରେ ବିଶେଷ ଭାବେ ଗ୍ରାମାଞ୍ଚଳ ଦୃଶ୍ୟ ଦର୍ଶକଙ୍କ ପସନ୍ଦ ଯୋଗ୍ୟ ହୋଇଥିଲା । ତା ସହ ଫିଲ୍ମର 'ଚିରିଙ୍ଗ ଚିରିଙ୍ଗ' ଆଇଟମ୍ ଗୀତ ପିଲାଠୁ ଯୁବାଙ୍କ ହୃଦୟକୁ ଛୁଇଁଥିଲା । ପରବର୍ତ୍ତୀ ସିନେମା ଅର୍ଦ୍ଧେନ୍ଦୁଙ୍କ ଅଭିନୀତ 'ଭିଲେନ' ଦ୍ୱିତୀୟ ସ୍ଥାନରେ ରହିଲା ।

## ଦଶହରାରେ ଫିଲ୍ମ ଫ୍ଲପ୍‌ର କାରଣ

ଯଦିଓ ବିଗତ ବର୍ଷ 'ଖୋକାଭାଇ ତୁମ ପାଇଁ' ସିନେମା ସଫଳ ହୋଇଥିଲା, କିଛି ଦର୍ଶକ ତାକୁ ବିଶେଷ ଭାବେ ସଫଳତା ଦେଲେ ନାହିଁ। ସଂଗୀତଜ୍ଞ ଅକ୍ଷୟ ମହାନ୍ତିଙ୍କ ଶ୍ରେଷ୍ଠ ଗୀତଗୁଡ଼ିକ ସଂଯୋଜନା କରିଥିବା ଯୋଗୁଁ କିଛିଟା ପ୍ରଭାବ ପକାଇଥିଲା। ଅକ୍ଷୟଙ୍କ ନାମରେ ସିନେମାଟିର କ୍ଷୟକ୍ଷତି ସେତେଟା ହେଲା ନାହିଁ। ସେହିପରି ବିଗତ ବର୍ଷର ଚତୁର୍ଥ ସିନେମା 'ଦୁର୍ଗା'। ପୂଜାକୁ ଆଖି ଆଗରେ ରଖି ଏହି ସିନେମାଟିକୁ ତିଆରି କରାଯାଇଥିଲେ ବି ଏହାର କାହାଣୀର ବଳିଷ୍ଠତା ଦର୍ଶକମାନଙ୍କୁ ବାନ୍ଧି ପାରିନଥିଲା। ଓଡ଼ିଆ ସିନେମା ମଲ୍‌ରେ ବିଶେଷ ଭାବେ ଚାଲେ ନାହିଁ। ହଲ୍‌ଗୁଡ଼ିକରେ ପୂଜା ବଜାରରେ ଯାହା ଚାଲିଥାଏ। ତେଣୁ ଓଡ଼ିଶାରେ ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧି ହେଲେ ପ୍ରଯୋଜକମାନ ଆଶା ଭରସା ରଖି ସିନେମା କରିପାରିବେ।

## ଚର୍ଚ୍ଚାରେ 'ଚାରିଧାମ'

ଚଳିତ ବର୍ଷ ପୂଜା ବଜାରକୁ ଦୃଷ୍ଟିରେ ରଖି ଓଡ଼ିଆ ସିନେମା 'ଚାରିଧାମ' ପ୍ରେକ୍ଷାଳୟକୁ ଆସିଛି। ସିନେମାଟି ଆଧ୍ୟାତ୍ମିକ ନାମକରଣ। କିନ୍ତୁ ବ୍ୟାବସାୟିକ ଭିତ୍ତିଭୂମି ଉପରେ ସିନେମାଟି ପର୍ଯ୍ୟବେସିତ। ପରିବାରରେ ମା', ବାପାଙ୍କ ପ୍ରତି ପୁତ୍ରର ଯେଉଁ କର୍ତ୍ତବ୍ୟ ଥାଏ ତାହା ଏହି ଫିଲ୍ମର କାହାଣୀ। ଚିରାଚରିତ କାହାଣୀଠାରୁ ଏହି ସମ୍ପୂର୍ଣ୍ଣ ଭିନ୍ନ। ଓଡ଼ିଶା ସମେତ ଭାରତର ଅନ୍ୟ ରାଜ୍ୟରେ ଏହି ଫିଲ୍ମଟି ଶୁଟିଂ ହୋଇଛି। ଏହାର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟା ଦାସ। ଗୋଟେ କଥା କହିବି, ଭଲ ବ୍ୟାବସାୟିକ ସିନେମା ହେଉ କି କଳାତ୍ମକ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା କାହାଣୀ ମନୋନୟନ। ତେଣୁ ନିର୍ଦ୍ଦେଶକ ବୈଷୟିକ ଦିଗରୁ ଅଭିଜ୍ଞତା ନେଇ 'ଚାରିଧାମ' ସିନେମାଟି ହୋଇଥିବା ହୃଦୟଙ୍ଗମ କରୁଛି। ଏହି ସିନେମାର କାହାଣୀ ଅନୁସାରେ ଚରିତ୍ରମାନଙ୍କର ମୁହଁ ସଂଳାପଗୁଡ଼ିକ ମଧ୍ୟ ବୋଧଗମ୍ୟ ହୋଇଛି। ସିନେମାର ଦମ୍‌ଦାର ସଂଳାପ ଓ ପ୍ରତିଟି ଦୃଶ୍ୟ ଜରିଆରେ ଦର୍ଶକ ହୃଦୟ ଜିଣିବେ ଅଭିନେତା ଅନୁଭବ ମହାନ୍ତି। ଦୀର୍ଘ ଦିନ ବ୍ୟବଧାନ ପରେ ଏହି ସିନେମାରେ ସେ ଅଭିନୟ କରିଛନ୍ତି। ଏଥିରେ ନାୟିକା ଭାବେ ଅଛନ୍ତି ଅନୁରାଧା ପାଣିଗ୍ରାହୀ। ଏହାର ଏକ ନୃତ୍ୟଭିତ୍ତିକ ଗୀତରେ ଶିବାନୀ ଓ ଅନୁଭବଙ୍କ ଯୋଡ଼ିକୁ ଦର୍ଶକ ପସନ୍ଦ କରିଛନ୍ତି। ଅନ୍ୟାନ୍ୟ କଳାକାରଙ୍କ ମଧ୍ୟରେ ରହିଛନ୍ତି ସୁକାନ୍ତ ରାଥ, ଅଶୋକ ଦାସ, ମମତା ତ୍ରିପାଠୀ, ପ୍ରଦ୍ୟୁମ୍ନ ଲେଙ୍କା, ଗୁଲୁଆ, ଶକ୍ତି ବରାଳ ପ୍ରମୁଖ। ସଙ୍ଗୀତ ବୈଦନାଥ-ସୋମେଶ ଦେଇଛନ୍ତି। ଚାରିଧାମରେ ଯେହେତୁ ଅନୁଭବ ଅଛନ୍ତି ତାଙ୍କର ଦର୍ଶକଙ୍କ ସଂଖ୍ୟା ଅଧିକ। ସେଇ ଦୃଷ୍ଟିରୁ ସେ ଏଥିରେ ବାଜିମାତ କରିପାରନ୍ତି। କେବଳ ସେତିକି ନୁହେଁ, ଦୁର୍ଗା ପୂଜାରେ ଫିଲ୍ମଟି ସାରା ଓଡ଼ିଶା ସମେତ ଅନ୍ୟ ରାଜ୍ୟରେ ମଧ୍ୟ ଭଲ ପ୍ରଦର୍ଶନ କରିବାର ଆଶା ରହିଛି।

## ମଲ୍ଟିଷ୍ଟାର୍‌ଙ୍କୁ ନେଇ 'ଚ୍ୟାଲେଞ୍ଜ'

ଅନୁଭବଙ୍କ ଅଭିନୀତ 'ଚାରିଧାମ' ସହିତ 'ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ମଲ୍ଟି ଷ୍ଟାର୍‌ଙ୍କୁ ନେଇ ଆସିଛି 'ଚ୍ୟାଲେଞ୍ଜ'। ଏଥିରେ 'ଚାରିଧାମ'ର ଅନୁଭବଙ୍କୁ ଅର୍ଦ୍ଧେନ୍ଦୁ କଡ଼ା ଟକ୍କର ଦେଇଛନ୍ତି। 'ଚ୍ୟାଲେଞ୍ଜ' ସିନେମାରେ 'କୁଲି' ସିନେମାର ଖ୍ୟାତନାମା ପୁନିତ ଇଶାର ଅଭିନୟ କରିଛନ୍ତି। ପୂର୍ବରୁ ଅର୍ଦ୍ଧେନ୍ଦୁଙ୍କର ପ୍ରତିଟି ସିନେମାରେ ସଙ୍ଗୀତ ଜୋର୍ ଜବରଦସ୍ତ ମନଛୁଆଁ ହୋଇଛି। ସବୁଥର ପରି ଏଥର ମଧ୍ୟ ପ୍ରତ୍ୟେକ ଗୀତକୁ ମିଳୁଛି ଅପୂର୍ବ ସଫଳତା। ବିଭିନ୍ନ ସଙ୍ଗୀତରେ ଗୋଟିପୁଅ, ଛଉ, ପାଇକ, ଆଖଡ଼ା ଭଳି ବିଭିନ୍ନ ପାରମ୍ପରିକ ନୃତ୍ୟକୁ ଗୀତରେ ସ୍ଥାନ ଦେଇ ପ୍ରଚାର ପ୍ରସାର ପାଇଁ ପ୍ରାଧାନ୍ୟ ଦିଆଯାଇଛି। ତେବେ ଏହି ସିନେମାରେ ଅର୍ଦ୍ଧେନ୍ଦୁଙ୍କ ନାୟିକା ଭାବେ ଅଭିନୟ କରିଛନ୍ତି ଏଲିନା। ସାଇ କିରଣ ମଙ୍ଗରାଜ ଓ ଗୌରବ ଆନନ୍ଦ ସଙ୍ଗୀତ ଦେଇଛନ୍ତି। ଏଥିରେ ବିଭିନ୍ନ ଭୂମିକାରେ ଅଭିନୟ କରିଥିବା କଳାକାରମାନଙ୍କ ମଧ୍ୟରେ ଅଛନ୍ତି, ହରିହର ମହାପାତ୍ର, ଲିପି ମହାପାତ୍ର, ପୁପିନ୍ଦର, ରବି ମିଶ୍ର, ବବି ମିଶ୍ର ପ୍ରମୁଖ। ଅଭିନେତା ତଥା ପ୍ରଯୋଜକ ଅର୍ଦ୍ଧେନ୍ଦୁ ପୂଜା ବଜାରକୁ ଲକ୍ଷ୍ୟ ରଖି ଅନେକ ଭଲ କଳାକାରମାନଙ୍କୁ ଚରିତ୍ର ଉପଯୋଗୀ ଅଭିନୟ ଦେଇଛନ୍ତି। ଦର୍ଶକମାନେ ନିଶ୍ଚିତ ଭାବେ ଗ୍ରହଣ କରିବେ। ଦଶହରା ବଜାରରେ ଅନୁଭବ ବନାମ ଅର୍ଦ୍ଧେନ୍ଦୁଙ୍କ ସିନେମା ଦର୍ଶକମାନଙ୍କ ବ୍ୟାବସାୟିକ ସ୍ଥିତି ରକ୍ଷା କରିବା ଦିଗରେ ନିଶ୍ଚିତ ସହାୟକ ହେବ।



## 'ଲହରୀ' ସିନେମାର ନୂତନତ୍ୱ

ପୂଜା ରିଲିଜ୍ ପୂର୍ବରୁ ଝିଲିକ୍‌ଙ୍କ ପ୍ରଯୋଜିତ ସିନେମା 'ଲହରୀ' ରିଲିଜ ହୋଇଛି। ଏହି ସିନେମାଟି 'କ୍ଲାସ' ଦର୍ଶକମାନଙ୍କ ପାଇଁ ଏହା 'ମାସ୍' ପାଇଁ ନୁହେଁ। ତେବେ ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷାକୁ ଦୃଷ୍ଟି ଦେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। ସେମାନଙ୍କ ରହିବା, ଖାଇବା ପିଇବା(ଦେଶୀ ଖାଇବା) ଆଦି କଥାକୁ ଗୁରୁତ୍ୱ ଦିଆଗଲେ, ନଦୀକୂଳିଆ ଅଞ୍ଚଳର ବାସିନ୍ଦାମାନେ ସୁରୁଖୁରୁରେ ଜୀବିକା ନିର୍ବାହ କରିବେ। ଏପରି ଏକ ବାସ୍ତବଧର୍ମୀ କାହାଣୀକୁ ନେଇ 'ଲହରୀ' ସିନେମା ତିଆରି କରାଯାଇଥିଲା। ଏହା ସହ ଫିଲ୍ମରେ ଜୀବନ୍ତ ଅଭିନୟ, ଓଡ଼ିଶାର, କଳା, ସଂସ୍କୃତି ଓ ଐତିହ୍ୟର ଝଲକ ଦେଖିବାକୁ ମିଳିଛି।



ତେବେ ବିଭିନ୍ନ ସ୍ଥାନରୁ ଏହି ଫିଲ୍ମଟିକୁ ପୁରସ୍କାର ମିଳିଛି। ଆଗାମୀ ଦିନରେ ଆନ୍ତର୍ଜାତୀୟସ୍ତରରେ ମଧ୍ୟ ଏହି ସିନେମାଟି ସମ୍ମାନିତ ହେବ ବୋଲି ମୋର ଆଶା।

'ଲହରୀ' ସିନେମା ପୂର୍ବରୁ ରଜରେ ବିନି ସାମଲଙ୍କ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ମୁକ୍ତି ଲାଭ କରିଥିଲା। ସିନେମାଟି ଭଲ ବ୍ୟବସାୟ ମଧ୍ୟ କରିଛି। ଏହାର ଗୀତ ଓ ସଙ୍ଗୀତ ଡକ୍ଟର ଚନ୍ଦ୍ରଭାନୁ ଶତପଥୀ ଏଥିରେ ଅଭିନୟ କରିଥିଲେ ସିଦ୍ଧାନ୍ତ ମହାପାତ୍ର, ଶ୍ରୀତମ ଦାସ, ଶିବାନୀ, ସୂର୍ଯ୍ୟମୟୀ, ମେଘନା ମିଶ୍ର, କେଦାର ମିଶ୍ର, ରବି ମିଶ୍ର, ଅଶ୍ରୁମୋଚନ ମହାନ୍ତି, ରତନ ମେହେର। 'ଶ୍ରୀ ଜଗନ୍ନାଥଙ୍କ ନବକଳେବର'ର କାହାଣୀ ଓ ଚିତ୍ରନାଟ୍ୟ ଲେଖିଛନ୍ତି ଶଙ୍କର ତ୍ରିପାଠୀ। ଶଙ୍କର ତ୍ରିପାଠୀଙ୍କ 'ପୁଷ୍କରା' କାହାଣୀ ଏ ବର୍ଷ ଶ୍ରେଷ୍ଠ ଆଞ୍ଚଳିକ ସିନେମା ଭାବେ ଜାତୀୟ ପୁରସ୍କାର ଲାଭ କରିଛି।

## 'ବୋଉ ବୁଟୁ ଭୂତ' ଆୟ ବୃଦ୍ଧିରେ ରେକର୍ଡ

**ଗଣେଶ ପୂଜା ସମୟରେ ବାବୁଶାନଙ୍କ 'ବୋଉ ବୁଟୁ ଭୂତ' ଭଲ କାହାଣୀ ଯୋଗୁ ଅଧିକ ଦର୍ଶକମାନଙ୍କ ନିକଟତର ହେଲା। ୯୦ ବର୍ଷର ଓଡ଼ିଆ ସିନେମା ଇତିହାସରେ ୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିବା ଏକ ନୂଆ ରେକର୍ଡ। ଏହି ଓଡ଼ିଆ ସିନେମାର ପ୍ରଭାବକୁ ପରିଲକ୍ଷିତ କରି ବଲିଉଡ୍‌ର ଖ୍ୟାତସମ୍ପନ୍ନ ପ୍ରଯୋଜନା ସଂସ୍ଥା କରଣ ଜୋହର ସିନେମାଟିକୁ ହିନ୍ଦୀ ଭାଷାରେ ଡବିଂ କରାଇବା ପାଇଁ ଚୁକ୍ତି କରିଛନ୍ତି। ଓଡ଼ିଆ ସିନେମାର ବ୍ୟବସାୟ ବୃଦ୍ଧି ଦିଗରେ ଏପରି ପରମ୍ପରା ମଧ୍ୟ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ପ୍ରଯୋଜନା ସଂସ୍ଥା ପାଇଁ ମାର୍ଗ ଦର୍ଶକ ହେବ।**



ତେଣୁ ଓଡ଼ିଆ ସିନେମା ପୂଜା ବଜାରରେ ଭଲ ବ୍ୟବସାୟ କରିବ। ଅନୁଭବ – ଅର୍ଦ୍ଧେନ୍ଦୁଙ୍କ ସିନେମା ବ୍ୟାବସାୟିକ ଦୃଷ୍ଟିରୁ ଦମ୍‌ଦାର ଅଛି। କେବଳ ଦର୍ଶକମାନେ କେଉଁ ଆଡ଼େ କମ୍ ବେଶୀ ଯିବେ, ତାହା ଗୁରୁତ୍ୱ ବହନ କରେ। ଯଦିଓ ଏହା ଏତେ ବଡ଼ କଥା ନୁହେଁ। ତଥାପି ଓଡ଼ିଆ ସିନେମା ୯୦ ବର୍ଷରେ ପହଞ୍ଚିଲାଣି। ଆଗାମୀ ଦିନରେ ଆହୁରି ଅଧିକ ବୈଷୟିକ ଜ୍ଞାନ କୌଶଳରେ ନୂଆ ଧରଣର ସିନେମା ମଧ୍ୟ ହେବ ବୋଲି ଆଶା କରାଯାଏ। ଓଡ଼ିଆ ସିନେମା ପୁଣି ଟ୍ରାକ୍‌କୁ ଫେରିଛି। ଓଡ଼ିଶା ଲୋକେ ଏବେ ନିଜ ଭାଷାର ଫିଲ୍ମ ଦେଖିବାକୁ ଭଲ ପାଉଛନ୍ତି। ତେଣୁ ବିଭିନ୍ନ ଜିଲ୍ଲାରେ ଅନ୍ୟୁନ ୩୦୦ରୁ ଊର୍ଦ୍ଧ୍ୱ ସିନେମା ହଲ୍ ହେଲେ ଓଡ଼ିଆ ସିନେମାର ଭାଗ୍ୟୋଦୟ ହେବ। 'ମଲ୍' ସିନେମାର ଯାହା ଟିକଟ ରହିଛି, ତାହା ସାଧାରଣ ବ୍ୟକ୍ତିମାନଙ୍କ ଲାଗି ଉଦ୍ଦିଷ୍ଟ ନୁହେଁ, ଓଡ଼ିଆ ସିନେମା ଅଧିକ ହୁଅନ୍ତା। କେବଳ ପ୍ରେକ୍ଷାଳୟର ଅଭାବ ହିଁ ଓଡ଼ିଆ ସିନେମାର ଆଶାକୁ ଧୂଳିସାତ କରୁଛି। ■

**ସିନେ ସମୀକ୍ଷକ, ଭୁବନେଶ୍ୱର**

ପେସାରେ ସେ ଜଣେ ଡାକ୍ତର । ନିଶା କିନ୍ତୁ ଗୀତ ଗାଇବା ଓ ଅଭିନୟ କରିବା । ସେ ଏକାଧିକ ଆଲବମ୍ ଏବଂ ଫିଲ୍ମ ପାଇଁ କଣ୍ଠଦାନ କରିଛନ୍ତି । ହେଲେ ସୌଭାଗ୍ୟବଶତଃ ସେ ପାଲଟିଗଲେଣି ଜଣେ ଅଭିନେତ୍ରୀ । ସେଭଳି ଜଣେ ଅଭିନେତ୍ରୀ ହେଉଛନ୍ତି ରାୟଗଡ଼ାର ଅନୁରାଧା ପାଣିଗ୍ରାହୀ । 'ପ୍ରେମରେ ରଖିବି ଶହେରୁ ଶହେ', 'ଦିଲ୍‌ରେ ଅଛି ତୋରି ନାଁ' ସମେତ ୫ରୁ ୬ଟି ସିନେମାରେ ସେ ଅଭିନୟ କରି ସାରିଛନ୍ତି । ଆଉ ଏବେ 'ଚାରିଧାମ' ଫିଲ୍ମରେ ଅନୁଭବ ମହାନ୍ତିଙ୍କ ବିପକ୍ଷରେ ସେ ଅଭିନୟ କରି ଚର୍ଚ୍ଚାରେ ଅଛନ୍ତି । ଏହି ସିନେମାଟି ରିଲିଜ୍‌ର ମାତ୍ର କିଛି ଦିନ ମଧ୍ୟରେ ବେଶ୍ ଦର୍ଶକୀୟ ପ୍ରଶଂସା ସାଉଁଟିଛି । ତେବେ 'ଚାରିଧାମ'ରେ ତାଙ୍କୁ କେମିତି ସୁଯୋଗ ମିଳିଲା, ଅନୁଭବ ମହାନ୍ତିଙ୍କ ସହ ଏକାଠି କାମ କରିବାରେ ଅନୁଭୂତି କେମିତି ରହିଛି ଜାଣିବା ତାଙ୍କ ମୁହଁରୁ ।

# ଦର୍ଶକଙ୍କ ଗାଳି ଓ ତାଳି ମୋ' ପାଇଁ ଆଶୀର୍ବାଦ"



**ଅନୁରାଧା ପାଣିଗ୍ରାହୀ, ଅଭିନେତ୍ରୀ**





**'ଚାରିଧାମ' ସିନେମାରେ ଅଭିନୟ କରିବାକୁ କେମିତି ସୁଯୋଗ ପାଇଲେ ?**

- ପ୍ରଥମେ ପ୍ରଡକ୍ସନ ହାଉସରୁ 'ଚାରିଧାମ' ସିନେମା ପାଇଁ ଅଫର୍ ଆସିଥିଲା । ମେସେଜ୍‌ଟି ଦେଖି ଦୁଇ ଦିନ ଧରି ବିଶ୍ୱାସ କରିପାରିଲିନି । ଭାବିଲି ଫେକ୍ ହୋଇଥିବ । ହେଲେ ସତରେ ମୁଁ ଫିଲ୍ମ ପାଇଁ ଅଡିସନ୍ ଦେବାକୁ ଗଲି । ଓଡ଼ିଶାର ସୁପରଷ୍ଟାର୍‌ଙ୍କ ସାଙ୍ଗେ ମୁଁ କାମ କରିବାକୁ ନେଇ ବହୁତ ବହୁତ ଖୁସି ଥିଲି ।

**ଦଶହରାରେ ରିଲିଜ୍ ହୋଇଥିବା "ଚାରିଧାମ"କୁ ନେଇ କ'ଣ କହିବେ?**

- ରଜ ଆଉ ଦଶହରାରେ ବଡ଼ ବଡ଼ ପ୍ରୋଜେକ୍ଟର ଫିଲ୍ମ ରିଲିଜ୍ କରାଯାଏ । ଏଥର ଦଶହରାରେ ମୋ ଅଭିନୀତ ଫିଲ୍ମ ରିଲଜ୍ ହୋଇଥିବା ମୋର ସୌଭାଗ୍ୟ । ଆଜିକାଲି ଅଧିକାଂଶ ପାଶ୍ଚତ୍ୟ ସଂସ୍କୃତିକୁ ଆପଣାଇ ହିନ୍ଦୁ ଧର୍ମର ମୌଳିକତାକୁ ଭୁଲିଯାଉଛନ୍ତି । ଅନେକ ପିଲାଙ୍କ ପାଇଁ ତାଙ୍କ ବାପା ମା' ଅଲୋଡ଼ା ହୋଇଯାଉଛନ୍ତି । ତେଣୁ ଜଣେ ପୁଅର ମା'ବାପାଙ୍କ ପ୍ରତି କର୍ତ୍ତବ୍ୟ ଆଉ ସନାତନ ଧର୍ମର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି ସିନେମାଟି ପ୍ରସ୍ତୁତ କରାଯାଇଛି । ବାପାମା'ଙ୍କୁ ଜୀବିତ ଅବସ୍ଥାରେ ଭଲପାଇ ଯତ୍ନରେ ରଖିଲେ ସବୁ ସୁଖ ଶାନ୍ତି ମିଳେ । ନତୁବା ତାଙ୍କ ଅନୁପସ୍ଥିତିରେ ଶ୍ରାଦ୍ଧ ଯେତେ ଯାକଜମକରେ କରିଲେ ମଧ୍ୟ କିଛି ଲାଭ ହୋଇ ନ ଥାଏ । ତେଣୁ ଦଶହରାରେ ଏହି ସିନେମା ରିଲିଜ୍ ହୋଇଥିବାରୁ ଦର୍ଶକଙ୍କ ବହୁତ ଭଲପାଇବା ପାଉଛୁ । ହଲ୍‌ରେ ଦର୍ଶକଙ୍କ ପ୍ରତିକ୍ରିୟା ନେଇପାରୁଛୁ । ଖୁସି ଲାଗୁଛି । ଆଗକୁ ସିନେମା ନିଶ୍ଚିତ ଭାବେ ଭଲ ରେକର୍ଡ କରିବ ।

**ଏଥିରେ ଆପଣଙ୍କ ଚରିତ୍ର ବିଷୟରେ କୁହନ୍ତୁ?**

- 'କାବ୍ୟା ଲୋପିନ୍ତି' ବ୍ରହ୍ମପୁରର ଜଣେ ତେଲୁଗୁ ଝିଅ । ସେ ବରହମ୍‌ପୁରିଆ ଭାଷାରେ ସେ କଥା କହୁଛି । ଖାଣ୍ଟି ବରହମ୍‌ପୁରିଆ ସହିତ ତେଲୁଗୁଙ୍କ ଓଡ଼ିଆ କହିବା ସମ୍ମିଶ୍ରଣ ରହିଛି । ତେବେ ଛୋଟ ବେଳରୁ କାବ୍ୟା ଆଉ ଅଭି ଦୁଇ ସାଙ୍ଗ । ବଡ଼ ହେବା ପରେ ସେମାନେ ଦୁହେଁ ପରସ୍ପରକୁ ଭଲ ପାଉଛନ୍ତି । କାବ୍ୟା ଜଣେ ଜିଦିଆ ଝିଅ ।

**'କାବ୍ୟା' ଗେଟ୍‌ଅପ୍ ପାଇଁ କେତେ ପରିଶ୍ରମ କରିଛନ୍ତି?**

- ଆନ୍ଧ୍ରରେ ମୁଁ ପାଠ ପଢ଼ିଛି । ସେଠାକାର ବେଶ ପୋଷାକ ଉପରେ ଧାରଣା ଥିବାରୁ ଗେଟ୍‌ଅପ୍ ନେବାରେ ମୋତେ ସମସ୍ୟା ହୋଇ ନ ଥିଲା । କିନ୍ତୁ ହଁ ବରହମ୍‌ପୁରିଆ ଭାଷା ମୁଁ ଆଦୌ ଜାଣି ନ ଥିଲି । ଇନ୍‌ଷ୍ଟାଗ୍ରାମରେ ବ୍ରହ୍ମପୁରୀ ଭିଡିଓକୁ ଦେଖିଥିଲି । ବ୍ରହ୍ମପୁରରେ ମୋର ବଡ଼ ମା'ଙ୍କ ଘରେ ରହି ସେମାନଙ୍କ କଥାବାର୍ତ୍ତା, ଚାଲିଚଳନ ଆଦି ସବୁକୁ ଲକ୍ଷ୍ୟ କରିଥିଲି । ଏହି ଚରିତ୍ର ପାଇଁ ବହୁତ ସାରା ଗବେଷଣା କରିଥିଲି ।

**ଓଡ଼ିଶାର ସୁପରଷ୍ଟାର୍ ଅନୁଭବଙ୍କ ସହିତ ଏକାଠି କାମ କରିବାର ଅନୁଭୂତି?**

- ଅନୁଭବ ସାର୍‌ଙ୍କ ସହ କାମ କରିବା ଫାଇନାଲ ପରେ ମୁଁ ଡରି ଯାଇଥିଲି । ସେ ଜଣେ ସୁପରଷ୍ଟାର୍, ମୁଁ ଜୁନିୟର । କେମିତି କାମ କରିବି? ହେଲେ ତାଙ୍କ ସହ କାମ କରି ଜାଣିଲି ସେ ବହୁତ ସହଯୋଗୀ । ତାଙ୍କ ସହିତ ପ୍ରଥମ ଥର କାମ କରୁଛି କି ଜୁନିଅର-ସିନିୟର କିଛି ଅନୁଭବ ହେଲାନି । ସେ ସମସ୍ତଙ୍କୁ ସ୍ନେହ ଆଦର କରନ୍ତି । ସମ୍ମାନ ଦେଇ କଥାବାର୍ତ୍ତା କରନ୍ତି । ତାଙ୍କ ସହ ଅଚିନ୍ତାରେ କାମ କରିବାର ଅନୁଭୂତ ବେଶ୍ ନିଆରା । ଆମ କେମେଷ୍ଟ୍ରିକୁ ଦର୍ଶକ ଭଲ ପାଇବା ଦେଉଛନ୍ତି ।

**'ଚାରିଧାମ' ସୁଟିଂ ସେଟ୍‌ର ସ୍ମରଣୀୟ ମୁହୂର୍ତ୍ତ?**

- ଏହି ସିନେମା ସୁଟିଂରେ ବହୁତ ସ୍ମରଣୀୟ ମୁହୂର୍ତ୍ତ ଅଛି । ମୁଁ ଫଟୋସୁଟ୍ ପାଇଁ ଯାଇଥାଏ । ଅନୁଭବ ସାର୍‌ଙ୍କୁ ପ୍ରଥମ ଥର ଭେଟିଲି । ଯେତେବେଳେ ସେ ଆସିଲେ ମୁଁ ଡରିଗଲି । ତାଙ୍କ ସହ ଫଟୋସୁଟ୍ ଚାଲିଲା । କ୍ଲୋଜ ସିନ୍ ଭିତରେ ଡରି କି ପୂରା ଥରିଲି । ସେତେବେଳେ ସାର୍ କହିଲେ, ଆରେ ହିରୋଇନ୍ ଚଢ଼ିକି ମୋ' ଉପରେ କଥା ହେବା କଥା, ସେ କ'ଣ ଡରି ଗଲେଣି । ଏହା ପରେ ସ୍ୱାଭାବିକ ସ୍ଥିତିକୁ ଆସି ସୁଟ୍ କରିଥିଲି । କେବଳ ସେତିକି ନୁହେଁ, ସିନେମାରେ ବରିଷ୍ଠ କଳାକାର ଯଥା-ପ୍ରଦ୍ୟୁମ୍ନ ସାର୍, ସୁକାନ୍ତ ରଥ ସାର୍‌ମାନଙ୍କ ସହ ଦୀର୍ଘ ଦିନ ସୁଟିଂ କରିଛି । ତାଙ୍କ ଜୀବନୀ ବିଷୟରେ ଜାଣିବାକୁ ସୁଯୋଗ ପାଇଥିଲି । ସେମାନଙ୍କ ସହିତ ବିତାଇଥିବା ପ୍ରତ୍ୟେକଟି ସମୟ ମୋ ପାଇଁ ସ୍ମୃତି ହୋଇ ରହିବ ।

**ପ୍ରେକ୍ଷାଳୟରେ ଦର୍ଶକଙ୍କ ସହିତ ମିଶିବାରେ କେତେ ଖୁସି ଅଛନ୍ତି?**

- ଫୋନ୍‌ରେ ରିଭ୍ୟୁ ହେଉ କି କମେଣ୍ଟ ବକ୍ସରେ କମେଣ୍ଟ ତ ସମସ୍ତେ ଦେଖିପାରନ୍ତି । ହେଲେ ପ୍ରେକ୍ଷାଳୟରେ ଦର୍ଶକଙ୍କ ଭିତରେ ସିନେମାକୁ ରିଭ୍ୟୁ ଦେବା ମଜା ଅଲଗା । ଦର୍ଶକ କେଉଁ ସିନ୍‌ରେ ତାଳି ମାରୁଛନ୍ତି, କେଉଁଠି ହସୁଛନ୍ତି ସେମାନଙ୍କ ପ୍ରତିକ୍ରିୟା ଜାଣିହୁଏ । ଦର୍ଶକଙ୍କ ତାଳି ଆଉ ଗାଳି ମୋ' ପାଇଁ ଆଶୀର୍ବାଦ ।

**ଦର୍ଶକଙ୍କୁ କ'ଣ କହିବେ?**

- ଚାରିଟି ଧାମ ଯାଇ ଆମେ ସିନେମା ସୁଟିଂ କରିଛୁ । ସିନେମା କେମିତି ଭଲ ହେବ ସେନେଇ ପୂରା ଟିମ୍ ପରିଶ୍ରମ କରିଛନ୍ତି । ସିନେମା ପାଇଁ ପାଞ୍ଚ କୋଟି ଖର୍ଚ୍ଚ ହୋଇଛି । ଓଡ଼ିଆ ସିନେମା ଆଗକୁ ଯିବାକୁ ହେଲେ, ଦର୍ଶକଙ୍କୁ ଆମକୁ ସାଥ୍ ଦେବାକୁ ପଡ଼ିବ ।

**ଆଗାମୀ ଯୋଜନା କ'ଣ?**

- ଆଗକୁ ମଧ୍ୟ ବାସ୍ତବଧର୍ମୀ କାହାଣୀରେ କାମ କରିବାକୁ ଯୋଜନା ରଖିଛି । ■

# ଦଶହରା ରିଲିଜ୍



# କାହା ପାଇଁ କେମିତି

ଦଶହରାରେ ରିଲିଜ୍ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଚର୍ଚ୍ଚା ଥମୁନି । କେଉଁ ଫିଲ୍ମ କେତେ ବ୍ୟବସାୟ କରିଛି? କାହାର ଅଭିନୟ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିଛି? କେଉଁ ଚଳଚ୍ଚିତ୍ର ଅଧିକ ଦିନ ପ୍ରେକ୍ଷାଳୟରେ ରାଜ୍ କରିବ? ସିନେମାର କେଉଁ ଗୀତ ଦଶହରାରେ ଲୋକପ୍ରିୟ ହୋଇପାରିଥିଲା । ଏଭଳି ଆଲୋଚନା ସିନେପ୍ରେମୀମାନଙ୍କ ଭିତରେ ଲାଗି ରହିଛି । ଦଶହରାରେ ରିଲିଜ୍ ହୋଇଥିବା ଚଳଚ୍ଚିତ୍ର ସଂପର୍କରେ କ'ଣ କହୁଛନ୍ତି କଳାକାର, ଦର୍ଶକ, ସିନେ ସମୀକ୍ଷକ ତାକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।



## "କେର୍‌କେରା' ଗୀତରେ ଝୁମୁଛନ୍ତି ଦର୍ଶକ"

ଦର୍ଶକ ସବୁବେଳେ ମେଲୋଡିଅସ୍ ଗୀତ ଦେଖିବାକୁ ଚାହାଁନ୍ତି । ସେମାନଙ୍କ ମନୋରଞ୍ଜନକୁ ପ୍ରାଧାନ୍ୟ ଦେଇ 'ଚାରିଧାମ' ପରି ଏକ ବାସ୍ତବଧର୍ମୀ ସିନେମାରେ 'କେର୍‌କେରା' ଗୀତ ରହିଛି । ଦର୍ଶକେ ଏହି ମେଲୋଡିଅସ୍ ଗୀତର ଅର୍ଥକୁ ଏତେ ନଯାଇ ତାହାର ଧୁନ୍‌ର ମଜା ନେଉଛନ୍ତି । ଏମିତି ଏକ ଦମ୍‌ଦାର ଗୀତରେ ଅଭିନୟ କରି ମୋତେ ମଧ ବହୁତ ଖୁସି ଲାଗୁଛି । 'କେର୍‌କେରା' ଏକ ମଜାଳିଆ ଶବ୍ଦ । ମଜାମସ୍ତି ମାହୋଲରେ ଲୋକେ 'କେର୍‌କେରା' ଆଞ୍ଚଳିକ ଭାଷା କହିଥାନ୍ତି । ତେଣୁ ଏହି ଗୀତରେ ଥିବା କେର୍‌କେରା ଶବ୍ଦ ସିନେମାର କାହାଣୀକୁ ସୁହାଉଛି । ଏହି ଗୀତର ଧୁମ୍ ମଧ ବେଶ୍ ଚମତ୍କାର । ଯେହେତୁ ଏହା ଏକ ମେଲୋଡିଅସ୍ ଗୀତ, ତେଣୁ ଏଥିରେ ଫିଗର୍ ମେଣ୍ଟେନ କରିବାର ଗୁରୁତ୍ୱ ଅଧିକ ଥିଲା । ତେଣୁ ସ୍ୱତନ୍ତ୍ର ଡାଏଟ୍ ମେଣ୍ଟେନ କରିଥିଲି । ଏହାବାଦ୍ ମୋର କଷ୍ଟ୍ୟୁମ୍, ଡ୍ୟାନ୍ସ ଷ୍ଟେପ୍ ଯାହା କିଛି ବି ଥିଲା ସବୁକିଛି ନିର୍ଦ୍ଦେଶକ ସାର୍‌ଙ୍କ ପ୍ଲାନିଂ ହୋଇଥିଲା । ତେଣୁ ଭସାଣି କିମ୍ବା ପୂଜାପାର୍ବଣରେ ଏହି ଗୀତଟି କେବଳ ଲୋକଙ୍କୁ ନଚାଇବ ତାହା ନୁହେଁ, ମନକୁ ଖୁସି ଦେବ । 'କେର୍‌କେରା' ଗୀତରେ ଓଲିଉଡ୍‌ର ସୁପରଷ୍ଟାର ଅନୁଭବ ମହାନ୍ତିଙ୍କ ସହ ନୃତ୍ୟ କରିବାର ଅନୁଭୂତି ମଧ ନିଆରା ଅଛି । ଗୋଟିଏ କଥା କହିବି, ଜଣେ କଳାକାର ପାଇଁ ପ୍ରତ୍ୟେକଟି ଚରିତ୍ର ଗୁରୁତ୍ୱପୂର୍ଣ୍ଣ । ତେଣୁ ଅଭିନୟ, ଲଭ୍ ସିନ୍, ନୃତ୍ୟଭିତ୍ତିକ ମେଲୋଡିଅସ୍ ଯେଉଁଥିରେ ବି ସୁଯୋଗ ମିଳେ, ମୁଁ ମୋ ନିଜକୁ ପ୍ରମାଣିତ କରିବାକୁ ପଛାଏ ନାହିଁ । ଆଗକୁ ଦର୍ଶକେ ମୋତେ ଭଲ ପ୍ରୋଜେକ୍ଟରେ ଦେଖିବାକୁ ପାଇବେ ।

**ଶିବାନୀ**, ଅଭିନେତ୍ରୀ

## "ଓଡ଼ିଆ ସିନେମାର ଭାଗ୍ୟୋଦୟ"



ରଜ ଆଉ ଦଶହରା, ଦୁଇଟି ଯାକ ଓଡ଼ିଆମାନଙ୍କର ବଡ଼ ପର୍ବ । ଏହି ସମୟରେ ଲୋକେ ପରିବାର ସହିତ ସମୟ ବିତାଇଥାନ୍ତି । ମଜାମସ୍ତି ସାଙ୍ଗକୁ ସିନେମା ଦେଖିଥାନ୍ତି । ପର୍ବର ଖୁସିକୁ ଦ୍ୱିଗୁଣିତ କରିବାକୁ ସିନେ ପ୍ରଯୋଜକମାନେ ପୂଜା ବଜାରରେ ନୂଆ ନୂଆ ସିନେମା ତଥା ବାସ୍ତବକାହାଣୀକୁ ଭେଟି ଦିଅନ୍ତି । କିଛି ହିଟ୍ ହୁଏ ତ ଆଉ କିଛିକୁ ସେତେ ଦର୍ଶକଙ୍କ ଆଦୃତି ମିଳେ ନାହିଁ । ତେବେ ଏହି ଦଶହରାରେ ରିଲିଜ୍ ହୋଇଛି 'ଚ୍ୟାଲେଞ୍ଜ' । ଗୋଟିଏ ଶବ୍ଦରେ କହିହେବ, ଦଶହରା ମାହୋଲ ପାଇଁ ଏହି ସିନେମାର ସୃଷ୍ଟି । ଏଥିରେ ପାରିବାରିକ କାହାଣୀ ସାଙ୍ଗକୁ ଭାଇଭଉଣୀଙ୍କ ଅତୁଟ ସମ୍ପର୍କର ନିଦର୍ଶନ ଦେଖାଯାଇଛି । ସିନେମାର ପ୍ରତ୍ୟେକଟି ଗୀତ ହୃଦୟସ୍ପର୍ଶୀ । ସମସ୍ତ କଳାକାର ଚମତ୍କାର ଅଭିନୟ କରିଛନ୍ତି । ଏଥିରେ ମୁଁ ଖଳନାୟକ ଭୈରବ ଚରିତ୍ରରେ କାମ କରିଛି । ମୋ' ଗେଟ୍‌ଅପ ପାଇଁ ବିଭିନ୍ନ ପ୍ରକାର ଗବେଷଣା କରାଯାଇଥିଲା । ଯାହାଫଳରେ ଫାଇନାଲ ଲୁକ୍ ଆକର୍ଷଣୀୟ ହୋଇଥିଲା । ସିନେମା ରିଲିଜ୍‌ର କିଛି ଦିନ ମଧ୍ୟରେ ସବୁଆଡୁ ପ୍ରଶଂସା ମିଳୁଛି । ଦର୍ଶକଙ୍କୁ ଏତିକି କହିବି ନିଜ ବ୍ୟସ୍ତ ଜୀବନରୁ ସମୟ ବାହାର କରି ଖଣ୍ଡିଏ ଟିକେଟ କାଟି ଏହି ସିନେମାଟିକୁ ଦେଖନ୍ତୁ । କଳାକାରଙ୍କ ଭୁଲ୍ ଠିକ୍‌କୁ ପରଖନ୍ତୁ । ଏହାଦ୍ୱାରା ଆଗାମୀ ଦିନରେ ଓଡ଼ିଆ ସିନେମାର ଭାଗ୍ୟୋଦୟ ହେବ ।

**ବିଭାସ**, ଅଭିନେତା

## "ମନୋରଞ୍ଜନର ଫୁଲ୍ ପ୍ୟାକେଜ୍ 'ଚ୍ୟାଲେଞ୍ଜ'"



ଦଶହରା ବଜାରକୁ ଯେମିତି ସିନେମା ଦରକାର, ସେମିତି ଏକ ସିନେମା ହେଉଛି 'ଚ୍ୟାଲେଞ୍ଜ' । ମଲ୍ଟିଷ୍ଟାରକୁ ନେଇ ଏହି ସିନେମା ନିର୍ମିତ । ରିଅଲଷ୍ଟାର ଅର୍ଦ୍ଧେନ୍ଦୁଙ୍କ ବ୍ୟାନ୍‌ରରେ ଦଶହରା ମାହୋଲ ପାଇଁ 'ଚ୍ୟାଲେଞ୍ଜ'ରେ ଆକ୍ସନ, କମେଡି, ଇମୋସନ୍ ସବୁ କିଛି ରହିଛି । ଏହି ସିନେମାର କଣ୍ଟେଣ୍ଟ ବେଶ୍ ସ୍ୱତନ୍ତ୍ର । ସମସ୍ତଙ୍କ ହୃଦୟକୁ ଛୁଇଁବା ପରି କାହାଣୀଟିଏ । ଅର୍ଦ୍ଧେନ୍ଦୁ, ଏଲିନାଙ୍କ ସମେତ ବଲିଉଡ୍‌ର ପ୍ରଖ୍ୟାତ ଅଭିନେତା ପୁନିତ ଇଶାର, ବବି ମିଶ୍ର, ରବି ମିଶ୍ର, ଲିପି, ବିଭାସ, ଜୀବନପଣ୍ଡା, ଶକ୍ତି ବରାଳ, ସୂର୍ଯ୍ୟ ସମସ୍ତେ ଅଛନ୍ତି । 'ଚ୍ୟାଲେଞ୍ଜ'ର ସମସ୍ତ ଗୀତ ବହୁତ ଉଚ୍ଚକୋଟୀର । ଟିଜର, ଟ୍ରେଲର, କଳାକାରଙ୍କ ପରିଚୟ ଆଦି ନିଆରା ଶୈଳୀରେ ହୋଇଛି । ତେବେ ପ୍ରଥମଥର ପାଇଁ ଓଲିଉଡ୍ ଜଗତରେ ମଲ୍ଟିଷ୍ଟାର୍ସଙ୍କୁ ନେଇ ମୁକ୍ତିଲାଭ କରିଥିବା ଫ୍ୟାମିଲି ଡ୍ରାମା 'ଚ୍ୟାଲେଞ୍ଜ' ଦର୍ଶକଙ୍କ ହୃଦୟକୁ ଛୁଇଁଛି, ଛୁଇଁବ । ସେହି ଆଶା ଓ ବିଶ୍ୱାସରେ ପ୍ରଡକ୍ସନ ହାଉସ ଅଣ୍ଟା ଭିଡ଼ିଛି ।

**ପୁପିନ୍ଦର**, ଅଭିନେତା



## ଚ୍ୟାଲେଞ୍ଜ' ନାଁ ତାତ୍ପର୍ଯ୍ୟପୂର୍ଣ୍ଣ"

ଚ୍ୟାଲେଞ୍ଜ ଆମ ସିନେମାର ନାଁ ରହିଛି । ମୁଁ ଆଶା କରିବି ଦଶହରାରେ ରିଲିଜ୍ ହୋଇଥିବା ସବୁ ଓଡ଼ିଆ ସିନେମାକୁ ଦର୍ଶକ ଦେଖନ୍ତୁ । 'ଚ୍ୟାଲେଞ୍ଜ' ନାଁର ତାତ୍ପର୍ଯ୍ୟ ରହିଛି । ଏହି ସିନେମା ଭିତରେ ଇମୋସନ୍‌କୁ ନେଇ ଚ୍ୟାଲେଞ୍ଜ, ପରିବାର ସହିତ ଚ୍ୟାଲେଞ୍ଜ, ଭାଇଭଉଣୀଙ୍କ ଚ୍ୟାଲେଞ୍ଜକୁ ଦର୍ଶକେ ଦେଖିବାକୁ ପାଇବେ । ମୋର ବିଶ୍ୱାସ ସବୁ ଦର୍ଶକମାନଙ୍କୁ ଏହି ସିନେମାଟି ଭଲ ଲାଗିବ । ଏଥିରେ ଭାଇ-ଭଉଣୀଙ୍କ ଇମୋସନାଲ୍ ଦୃଶ୍ୟ ଦେଖିବାକୁ ମିଳିବ । ହଲ୍‌କୁ ଯାଇ ଥରେ ନିଶ୍ଚୟ ଚ୍ୟାଲେଞ୍ଜ ସିନେମା ଦେଖନ୍ତୁ । ମୁଁ ଅନୁରୋଧ କରୁଛି ।

**ଏଲିନା, ଅଭିନେତ୍ରୀ**



## ଦର୍ଶକଙ୍କ ହୃଦୟ ଜିଣିବା ମୋ ଲକ୍ଷ୍ୟ"

ଦର୍ଶକ ହେଉଛନ୍ତି ଆମ ପାଇଁ ଭଗବାନ । ଦର୍ଶକ ଚାହିଁଲା ପରି କଣ୍ଟେଣ୍ଟ ବନାଇଲେ ତାହା ଲୋକାଦୃତି ହୋଇଥାଏ । ତେଣୁ ପ୍ରତ୍ୟେକ ବର୍ଷ ଦଶହରାରେ ଭଲ ସିନେମା କରିବାକୁ ଚେଷ୍ଟା କରୁଛି । ଏହି ସମୟଟି ପରିବାର ସଦସ୍ୟଙ୍କୁ ଏକତା ସୂତ୍ରରେ ବାନ୍ଧି ରଖେ । ସମସ୍ତେ ସିନେମା ଦେଖି ମଜା ନିଅନ୍ତି । ପୂର୍ବବର୍ଷ ଦଶହରାରେ ମୋର 'ଭିଲେନ' ସିନେମାକୁ ଦର୍ଶକ ଭଲ ପାଇବା ଦେଇଥିଲେ । ଆଉ ଏଥର 'ଚ୍ୟାଲେଞ୍ଜ' ଫିଲ୍ମକୁ ବି ଭଲପାଇବା ଦେଉଛନ୍ତି । ଏହା ଆମ ଟିମ୍ ତଥା ସମସ୍ତ କଳାକାରଙ୍କ ପାଇଁ ସକାରାତ୍ମକ ବାର୍ତ୍ତା ଦେଉଛି । 'ଚ୍ୟାଲେଞ୍ଜ' ସିନେମାର ଚମତ୍କାର ଓ ଇମୋସନାଲ୍ କାହାଣୀ ରହିଛି । ମଲ୍ଟିଷ୍ଟାରଙ୍କୁ ନେଇ ନିର୍ମିତ ଏହି ସିନେମାରେ ସମସ୍ତେ ନିଜ ନିଜ ଚରିତ୍ରକୁ ଶହେ ପ୍ରତିଶତ ଦେବାକୁ ଚେଷ୍ଟା କରିଛନ୍ତି । ବ୍ୟକ୍ତିଗତ ଭାବେ କହିବି ଯେବେ ସ୍କ୍ରିପ୍ଟ ଆରମ୍ଭ ହେଲା ମୁଁ ମୋ ଚରିତ୍ରଟିକୁ ମୁଣ୍ଡରେ ରଖିଥିଲି । ପ୍ରତ୍ୟେକଟି କାର୍ଯ୍ୟକଳାପ ମୋର ଚରିତ୍ର ଅନୁସାରେ ବଦଳିଥିଲା । ସିନେମା ସରିବା ଯାଏଁ ମୁଁ ସେହି ଚରିତ୍ରରେ ବୁଡ଼ି ରହିଥିଲି । ଏହି ସିନେମାର କାହାଣୀ ପରି ଏହାର ସମସ୍ତ ଗୀତଗୁଡ଼ିକ ମନଛୁଆଁ ହୋଇଛି । ମୋ ବିପକ୍ଷରେ ପ୍ରଥମ ଥର ପାଇଁ ଅଛନ୍ତି ଏଲିନା । ଉଭୟ ପରିବାର ପରି କାମ କରିଥିଲୁ । ତେଣୁ ସମୟ କିଛି ବି ଜଣାପଡ଼ିଲାନି । ସର୍ବପ୍ରଥମେ ଧନ୍ୟବାଦ ଦେବି ସଙ୍ଗୀତ ନିର୍ଦ୍ଦେଶକ ଗୌରବଆନନ୍ଦ ଭାଇ ଓ ଅର୍ଜୁନ ପଣ୍ଡାଙ୍କୁ । ସେହିପରି କୋରିଓଗ୍ରାଫ୍ ଅମିତ ସାର୍‌ଙ୍କ ତତ୍ତ୍ୱାବଧାନରେ ରିହଲସେଲ୍ କରି ସୁଟିଂକୁ ଓହ୍ଲାଇଥିଲୁ । ସବୁ ଗୀତରେ ସୃଜନଶୀଳତା ରହିଛି । ସିନେମାକୁ ବହୁତ ଭଲପାଇବା ମିଳୁଛି । ମୁଁ ପ୍ରତ୍ୟେକ ସିନେମାରୁ କିଛି ନା କିଛି ଶିଖେ । ସେହି ଅନୁସାରେ କାମ କରେ । ଦର୍ଶକଙ୍କ ହୃଦୟ ଜିଣିବା ମୋର ଲକ୍ଷ୍ୟ ।

**ଅର୍ଦ୍ଧେନ୍ଦୁ, ଅଭିନେତା**

## ଚ୍ୟାଲେଞ୍ଜର ଟ୍ରେଲର ରିଲିଜ ସମୟରୁ ଗହଳି ଲାଗିଛି"



ଚ୍ୟାଲେଞ୍ଜର ଟ୍ରେଲର ରିଲିଜ ସମୟରୁ ଗହଳି ଲାଗିଛି । ଦର୍ଶକମାନେ ଏହି ସିନେମା ଦେଖନ୍ତୁ । ସାଉଥ୍ ଷ୍ଟାଇଲରେ ଆକ୍ସନ ହୋଇଛି, ଗୀତଗୁଡ଼ିକ ମଧ୍ୟ ଭଲ ହୋଇଛି । ମୁଁ ଏହି ଫିଲ୍ମରେ ଖଳନାୟକ ଡାନିଏଲ୍ ଚରିତ୍ରରେ ଅଭିନୟ କରିଛି । ଫିଲ୍ମ ରିଲିଜ ପୂର୍ବରୁ ଦର୍ଶକଙ୍କ ମୁଁ ଭଲ ପାଇବା ପାଇ ସାରିଛି ସୋସିଆଲ୍ ମିଡିଆରୁ । ପୁନିତ ଇସାରଙ୍କ ସହିତ କାମ କରିବାର ସୁଯୋଗ ମିଳିଛି । ସେ ଜଣେ କୋମଳ ହୃଦୟର ବ୍ୟକ୍ତିତ୍ୱ । ସେ ବହୁତ ଭଲ ଲୋକ । ତାଙ୍କର ଅଭିନୟ ଦର୍ଶକମାନଙ୍କ ହୃଦୟକୁ ନିଶ୍ଚିତ ଛୁଇଁବ ।

**ବବି ମିଶ୍ର, ଅଭିନେତା**

## ଭାଙ୍ଗ ଗୀତ ପାଇଁ ବହୁତ ପରିଶ୍ରମ କରିଥିଲୁ"

'ଚ୍ୟାଲେଞ୍ଜ' ସିନେମାର ଭାଙ୍ଗ ଗୀତ କରିବାକୁ ଆମକୁ ବହୁତ ପରିଶ୍ରମ କରିବାକୁ ପଡ଼ିଥିଲା । କେତେବେଳେ ବର୍ଷା ହେଉଥାଏ, ଖରା ହେଉଥାଏ ବହୁ ଘାତପ୍ରତିଘାତ ମଧ୍ୟରେ ଗୀତଟି ସୁଟିଂ ହୋଇଛି । ବର୍ଷା ଯୋଗୁଁ ଗୋଡ଼ ବି ଖସି ପଡୁଥାଏ । ଚାରିଦିନ ଧରି ଗୀତଟି ଦୃଶ୍ୟାୟନ ହେଇଥିଲା, ମନ୍ଦିର ପ୍ରାଙ୍ଗଣରେ ପ୍ରତିଦିନ ସୁଟିଂ ସାରି ଆମେ ଶିବଙ୍କ ପ୍ରସାଦ ସେବନ କରୁଥିଲୁ । କଷ୍ଟ ସହିଲେ ମଧ୍ୟ ସମସ୍ତେ ଆନନ୍ଦର ସହିତ କରିଥିଲେ । ତେଣୁ ପୂରା ଟିମ୍ ଏକ ଧ୍ୟାନ, ମନ, ଚୈତନ୍ୟରେ କାମ କରିଥିବାରୁ ଭାଙ୍ଗ ଗୀତଟି ଭଲ ହୋଇଛି । କୁହାଯାଏ ପରିଶ୍ରମର ଫଳ ମିଠା ହୁଏ, ତେଣୁ ମୁଁ ଭାବିଲି ବହୁତ ପରିଶ୍ରମ କରିଛୁ ବୋଲି ଏହି ଗୀତଟି ସୁନ୍ଦର ହୋଇଛି । ଆପଣମାନଙ୍କ ଆଶୀର୍ବାଦ ମିଳିଛି । ଏହି ଗୀତକୁ ନେଇ ମୁଁ ବହୁତ ଖୁସି ।



**ହରିହର ମହାପାତ୍ର
ଅଭିନେତା**



## ଦର୍ଶକଙ୍କ ଭଲପାଇବା ମୋ ପାଇଁ ଆଶୀର୍ବାଦ”



ବାସ୍ତବଧର୍ମୀ ଓ ହୃଦୟସ୍ପର୍ଶୀ ସିନେମାରେ କାମ କରିବାକୁ ମୋର ଇଚ୍ଛା ଥିଲା । ମୋର ଏହି ଇଚ୍ଛା ପୂରଣ କରିଥିଲେ ତାପସ ଭାଇ । ୨୦୨୩ ମସିହାରେ ଫୋନ୍ ମାଧ୍ୟମରେ ‘ଚାରିଧାମ’ ସିନେମାରେ ସୁଯୋଗ ଦେଇଥିଲେ । ‘ଚାରିଧାମ’ ସିନେମାର ସୁଟିଂ ପାଇଁ ୪୦ ଦିନ ସମୟ ଦେଇଥିଲି । ବହୁତ ପରିଶ୍ରମ କରିଛି । ଟାଣ ଖରା ଆଉ ବର୍ଷା ସହିତ ବି ଟିମ୍‌ଟି ସୁଟିଂ କରିଛୁ । ବଡ଼ ପରଦାରେ କାମ କରିବାରେ ମଜା ଭିନ୍ନ । କାରଣ ଚ୍ୟାନେଲ୍‌ରେ ଭିଡିଓ ବନାଇଲେ, ମୁଁ କେବଳ ଦର୍ଶକଙ୍କ ମେସେଜ୍ ଆଉ କମେଣ୍ଟ ପଢ଼ି ପାରୁଥିଲି । ହେଲେ ସ୍କ୍ରିନ୍‌ରେ କାମ କରିବା ଦ୍ୱାରା ହଲ୍‌ରେ ଦର୍ଶକଙ୍କ ଗାଳି ଆଉ ଭଲପାଇବା ସିଧାସଳଖ ଦେଖିପାରୁଛି । ଏହା ମୋ ପାଇଁ ଆଶୀର୍ବାଦ । ଲୋକଙ୍କ ଭଲପାଇବା ମିଳୁଛି । ‘ଚାରିଧାମ’ ସିନେମାରେ ବାପାମା’ଙ୍କ ପ୍ରତି ପିଲାମାନଙ୍କର କର୍ତ୍ତବ୍ୟକୁ ବେଶ୍ ସୁନ୍ଦର ଭାବେ ଉପସ୍ଥାପନା କରାଯାଇଛି । ତେଣୁ ବାପା ମା’ ଯେତେ ଦିନ ଯାଏଁ ଜୀବିତ ଅଛନ୍ତି ତାଙ୍କୁ ଭଲପାଇବା ଦିଅନ୍ତୁ । ସମୟ ଦିଅନ୍ତୁ । ଏମିତି ସୁବାର୍ତ୍ତା ଏହି ସିନେମା ଦେଉଛି । ହିନ୍ଦୁଧର୍ମରେ ଚାରିଧାମର ମହତ୍ତ୍ୱକୁ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବି ସିନେମାଟି ନିର୍ମାଣ କରାଯାଇଛି । ସିନେମାଟି ଦଶହରାରେ ରିଲିଜ୍ ହୋଇଥିବାରୁ ସମସ୍ତ ପ୍ରେକ୍ଷାଳୟ ଫୁଲ ହୋଇଯାଇଥିଲା । ତେଣୁ ଦର୍ଶକ ନିଜ ପରିବାର ସହିତ ସିନେମା ଦେଖନ୍ତୁ ।

**ମିଷ୍ଟର ଗୁଲୁଆ**, ଅଭିନେତା

## ଦୁଇଟି ଚଳଚ୍ଚିତ୍ରରେ ଭିନ୍ନତା ରହିଛି”



ଏଥର ଦୁର୍ଗା ପୂଜାରେ ଦୁଇଟି ଚଳଚ୍ଚିତ୍ର ମୁକ୍ତିଲାଭ କରିଛି । ଅନୁଭବଙ୍କର ‘ଚାରିଧାମ’ ଏବଂ ଅର୍ଦ୍ଧେନ୍ଦୁଙ୍କର ‘ଚ୍ୟାଲେଞ୍ଜ’ । ସବୁଦୃଷ୍ଟିରୁ ବିଚାର କଲେ ଦୁଇଟି ଯାକ ଚଳଚ୍ଚିତ୍ରରେ ଭିନ୍ନତା ଅଛି । କିନ୍ତୁ ଗୋଟିଏ କଥା ଉଭୟ ଚଳଚ୍ଚିତ୍ରରେ ସାଧାରଣ । ତାହା ହେଉଛି ସେଣ୍ଟିମେଣ୍ଟ । ଗୋଟିଏ ପଟେ ଭାଇ-ଭଉଣୀର ସେଣ୍ଟିମେଣ୍ଟ ଥିବା ବେଳେ ଅନ୍ୟପଟେ ବାପ-ପୁଅର ସେଣ୍ଟିମେଣ୍ଟ ଦେଖିବାକୁ ମଳିଛି । ଚମତ୍କାର ଭାବେ ପରିସ୍ଫୁଟନ କରାଯାଇଛି ଚଳଚ୍ଚିତ୍ର ଦୁଇଟିରେ । ତେବେ ଅନୁଭବଙ୍କର ‘ଚାରିଧାମ’ର ପ୍ରଥମ ଭାଗ ଧୀମା ଲାଗିଲା । ଚିତ୍ରନାଟ୍ୟ ଆଉ ଟିକେ ମଜଭୁତ ହୋଇଥାନ୍ତା । ସେହିପରି ‘ଚ୍ୟାଲେଞ୍ଜ’ ଏକ ମନୋରଞ୍ଜନଧର୍ମୀ ଚଳଚ୍ଚିତ୍ର । ଅର୍ଦ୍ଧେନ୍ଦୁ ଦୀର୍ଘଦିନରୁ ପ୍ରୟାସ ଜାରି ରଖିଛନ୍ତି ଓଲିଉଡ୍‌ରେ ସ୍ୱତନ୍ତ୍ର ସ୍ଥାନ ପାଇଁ । କାହାଣୀ, ସଂଗୀତ ସବୁ ଦୃଷ୍ଟିରୁ ଦୁଇଟି ସିନେମାରେ ଭିନ୍ନତା ପରିଲକ୍ଷିତ ହୋଇଛି । ଓଡ଼ିଆ ଦର୍ଶକମାନେ ଓଡ଼ିଆ ଚଳଚ୍ଚିତ୍ରକୁ ଦେଖିବାକୁ ଆସୁଛନ୍ତି ଏଇଟା ବଡ଼ କଥା । ନିହାତି ଖୁସିର କଥା । ମୁଁ ଭାବୁଛି ନିର୍ଦ୍ଦେଶକମାନେ ଆଉ ଟିକେ ଯତ୍ନବାନ ହେବା ଉଚିତ । ତେବେ ଟଙ୍କା ଖର୍ଚ୍ଚ କଲେ ସିନେମା ହିଟ୍ ହେବ ତାହା ନୁହେଁ, ସେଣ୍ଟିମେଣ୍ଟ ଗୁରୁତ୍ୱ ରଖେ । ଦି’ଟା ଯାକ ସିନେମା ବଡ଼ ବଜେଟ୍‌ର । କିନ୍ତୁ ବ୍ୟବସାୟିକ ଦୃଷ୍ଟିର ଉଭୟ ନିର୍ଦ୍ଦେଶକ ସବୁ ପ୍ରକାର କଥାକୁ ଗୁରୁତ୍ୱ ଦେଇଛନ୍ତି । ଓଡ଼ିଆ ଚଳଚ୍ଚିତ୍ର ଆଗକୁ ବଢ଼ି ଚାଲୁ ।

**ଡ. ରଜନୀ ରଞ୍ଜନ**
ବିଶିଷ୍ଟ ସଂଳାପକାର

## ଦଶହରା ପାଇଁ ଦୁଇଟି ଫିଲ୍ମ ଭଲ”



ବର୍ଷକରେ ହାତଗଣତି ଚାରିଟି ପର୍ବରେ ଓଡ଼ିଆ ଫିଲ୍ମ ରିଲିଜ୍ କରାଯାଏ । ସେଥିମଧ୍ୟରୁ ଗୋଟିଏ ହେଲା ନୂଆ ବର୍ଷ ବା ମକର ସଂକ୍ରାନ୍ତି, ରଜ, ଗଣେଶ ପୂଜା ଓ ଦଶହରା । ସବୁଠୁ ବଡ଼ ଦଶହରା । ଏହି ସମୟ ଫିଲ୍ମ ଫେଷ୍ଟିଭାଲ୍ ଭଳି ଅନୁଭୂତ ହୋଇଥାଏ । ଲୋକେ ଦଶହରା ପେଣ୍ଡାଲ୍ ବୁଲିବା, ସହ ସ୍ୱାଦିଷ୍ଟ ଖାଦ୍ୟ ସାଙ୍ଗକୁ ଫିଲ୍ମର ଭରପୂର ମଜା ନେଇଥାନ୍ତି । ବୁଲାବୁଲି କରି ମନୋରଞ୍ଜନ ପାଇଁ ଫିଲ୍ମ ଦେଖନ୍ତି । ସେହିପରି ଢେଙ୍କାନାଳ, ଚୌଦ୍ୱାରରେ ଲକ୍ଷ୍ମୀପୂଜା ସମୟରେ ଫିଲ୍ମ ରିଲିଜ୍ କରାଯାଏ । କାରଣ ଏହା ଏକ ଫେଷ୍ଟିଭାଲ୍ ସମୟ ହୋଇଥାଏ । ଏହା ଫିଲ୍ମ ରିଲିଜ୍ ପାଇଁ ଉପଯୁକ୍ତ ସମୟ । ଅବଶ୍ୟ ଦିନକୁ ଦିନ ଫିଲ୍ମ ପ୍ରଚାର ପ୍ରସାର କମିଗଲାଣି । ଦିନ ଥିଲା ଫିଲ୍ମ ପାଇଁ ବଡ଼ ବଡ଼ ଗେଟ୍ ତିଆରି କରାଯାଉଥିଲା, ହେଲିକ୍ୟାପଟରରୁ ଲିପଲେଟ୍ ବଣ୍ଟନ କରାଯାଉଥିଲା । ଅଟୋ ରିକ୍ସା ଗଳିକନ୍ଦି ବୁଲି ଲିପ୍‌ଲେଟ୍ ବାଣ୍ଟି ଗୀତ ବଜାଇ ଫିଲ୍ମ ପ୍ରମୋସନ୍ କରାଯାଉଥିଲା । କିନ୍ତୁ ଏବେ ସେସବୁ ହଜିଗଲାଣି । ଦୁଃଖର କଥା ପ୍ରଯୋଜକମାନେ ପ୍ରମୋସନ୍ ପାଇଁ ଯିବା ଆସିବା ଟଙ୍କା ଖର୍ଚ୍ଚ କରି ଅଭିନେତା, ଅଭିନେତ୍ରୀଙ୍କୁ ନେଇ ମଞ୍ଚରେ ଛିଡ଼ା କରୁଛନ୍ତି, ହେଲେ ଗାଁ, ଗହଳିରେ ଏହି ପ୍ରମୋସନ୍ ହେଇପାରୁନି । ଲିପ୍‌ଲେଟ୍ ବଣ୍ଟା, ଅଟୋ ପ୍ରଚାର, ଜିପ୍ ପ୍ରଚାର ଆଉ ନାହିଁ, ଛପା ଗଣମାଧ୍ୟମ କିମ୍ବା ଇଲେକ୍‌ଟ୍ରୋନିକ୍ସ ଗଣମାଧ୍ୟମରେ ମଧ୍ୟ ଏହା ଆଉ ଦେଖିବାକୁ ମିଳୁନି । ଫିଲ୍ମ ଲୋକଙ୍କ ପାଖରେ ପହଞ୍ଚିବା ଆବଶ୍ୟକ । ପୂଜାରେ ‘ଚାରିଧାମ’ ଓ ‘ଚ୍ୟାଲେଞ୍ଜ’ ଦୁଇଟି ଓଡ଼ିଆ ଚଳଚ୍ଚିତ୍ର ରିଲିଜ୍ ହୋଇଥିଲା । ଦଶହରା ବଜାରକୁ ଦୃଷ୍ଟିରେ ରଖି ଦୁଇଟି ଯାକ ଫିଲ୍ମ ଭଲ ହୋଇଛି । କିନ୍ତୁ ବାସ୍ତବରେ ଫିଲ୍ମ ଭଲ ହୋଇଛି କି ନାହିଁ ତାହା ଭସାଣି ପରେ ଜଣାପଡ଼ିବ । ପୂଜା ନ ଥାଇ ଯଦି ଦର୍ଶକେ ସପରିବାର ପ୍ରେକ୍ଷାଳୟ ମୁହାଁ ହୁଅନ୍ତି, ତେବେ ଜାଣିବା ଦର୍ଶକେ ଫିଲ୍ମକୁ ଗ୍ରହଣ କଲେ ।

**ଆଦିକନ୍ଦ ରାଉତ**
ବରିଷ୍ଠ ଚଳଚ୍ଚିତ୍ର ସାମ୍ବାଦିକ ଓ ସମ୍ପାଦକ, ଚଳଚ୍ଚିତ୍ର ଜଗତ

## ବିଗ୍ ବଜେଟ୍‌କୁ ମଲ୍ଟିଷ୍ଟାରର ସିନେମା”



‘ଚ୍ୟାଲେଞ୍ଜ ଏକ ଫ୍ୟାମିଲି ଡ୍ରାମା । ବିଗ୍ ବଜେଟ୍ ସାଙ୍ଗକୁ ମଲ୍ଟିଷ୍ଟାରର ସିନେମା । ଏଥିରେ ଭାଇ-ଭଉଣୀଙ୍କ ମାଡ଼ପିଟ, ସ୍ନେହ, ପ୍ରେମ, ପରସ୍ପରର ସହଯୋଗ ଆଦି ଦେଖିବାକୁ ମିଳୁଛି । ତେବେ ଓଲଉଡରେ ବିଜୟ ମହାନ୍ତି-ରଚନା ବାନାର୍ଜୀ, ମିହିର ଦାସ- ଅନୁ ଚୌଧୁରୀ, ଜିନା- ବବି ମିଶ୍ରଙ୍କ ପରେ ଏବେ ବହୁତ ଦିନ ପରେ ନୂଆ ଭାଇ ଭଉଣୀଙ୍କୁ ଦେଖିବାକୁ ମିଳିଛି । ଅର୍ଦ୍ଧେନ୍ଦୁ-ଲିପିଙ୍କ କାହାଣୀ ଏତେ ଦର୍ଶକଙ୍କ ହୃଦୟକୁ ଛୁଇଁଛି । ସବୁଠୁ ବଡ଼ କଥା ହେଲା, ବହୁ ପ୍ରତିଭାର ଅଧିକାରୀଣି ଲିପି ପ୍ରଥମ ଥର ପାଇଁ ବଡ଼ ପରଦାରେ ଭଉଣୀ ଭୂମିକାରେ ଆସିଛନ୍ତି । ଦଶହରା ମାହୋଲକୁ ନେଇ ସିନେମା ତିଆରି ହୋଇଛି । ଦଶହରାକୁ ଯେମିତି ସିନେମା ଦରକାର – ଫାଇଟିଂ, ଗୀତ, ମନୋରଞ୍ଜନର ଫୁଲ୍ ପ୍ୟାକେଜ୍ ହେଉଛି ‘ଚ୍ୟାଲେଞ୍ଜ’ । ‘ଭାଙ୍ଗ’ ଗୀତ ହେଉ କି ‘ଦୁଲଦୁଲି’ ଗୀତ ଉଚ୍ଚକୋଟୀର ହୋଇଛି । ସେହିପରି ଖଳନାୟକ ଭାବେ ପୁନିତ ଇସାର ଏବଂ ବବି ମିଶ୍ର ଚମତ୍କାର ଅଭିନୟ କରିଛନ୍ତି । ଦଶହରା ମାହୋଲକୁ ନେଇ ଏହି ସିନେମା ହୋଇଛି । ଓଡ଼ିଶାର ସମସ୍ତ ପ୍ରେକ୍ଷାଳୟରେ ଏହି ସିନେମା ଚାଲୁଛି । ଦର୍ଶକଙ୍କ ଭଲପାଇବା ମିଳୁଛି । ଆଗକୁ ମଧ୍ୟ ଏହି ସିନେମା ଦର୍ଶକଙ୍କ ଆଦୃତି ଲାଭ କରିବ ।

**ପ୍ରଣୟ ଜେଠୀ**
କ୍ରିଏଟିଭ ମୁଖ୍ୟ, ମିଡ଼ିଆ ପ୍ଲାନର

## ଯୁବପିଢ଼ିଙ୍କ ପାଇଁ ଶିକ୍ଷଣୀୟ”



‘ଚାରିଧାମ’ ଫିଲ୍ମଟି ବହୁତ ଭଲ ହୋଇଛି । ଏଥିରେ ବିଶେଷ କରି ଯୁବପିଢ଼ିଙ୍କ ପାଇଁ ଶିକ୍ଷଣୀୟ ବାର୍ତ୍ତା ଦିଆଯାଇଛି । ବାପାମାଆଙ୍କ ପ୍ରତି ଗୋଟେ ପୁଅର କଣ କର୍ତ୍ତବ୍ୟ ରହିଛି, ତାହାକୁ ଖୁବ୍ ସୁନ୍ଦର ଭାବେ ଫିଲ୍ମରେ ଦର୍ଶାଯାଇଛି । ଏହା ପାରିବାରିକ କାହାଣୀ ଉପରେ ପର୍ଯ୍ୟବସିତ । ମାଆର ଚାରିଧାମ ଦର୍ଶନ ଇଚ୍ଛାକୁ ପୂର୍ଣ୍ଣ କରିବା ପାଇଁ ଗୋଟେ ପୁଅ ପ୍ରତିକୂଳ ପରିସ୍ଥିତିରେ ହାର ନ ମାନି, ସଂଘର୍ଷ କରି ମାଆ ଇଚ୍ଛାକୁ ପୂରା କରିଛି, ତାହା ଖୁବ୍ ସୁନ୍ଦର ଭାବେ ଦେଖିବାକୁ ମିଳିଛି । ବିଶେଷ କଥା ହେଉଛି, ଏହା ଓଡ଼ିଶାର ଏକ ମାତ୍ର ଫିଲ୍ମ ଯାହା ଚାରିଧାମରେ ସୁଟିଂ କରାଯାଇଛି । ଫିଲ୍ମଟିକୁ ଦେଖିଲେ ଯେ କେହି ଭାବ ବିହ୍ୱଳ ହେବା ସ୍ୱାଭାବିକ ।

**ସୁଜିତ କୁମାର ସୁନ୍ଦରାୟ**, ଭୁବନେଶ୍ୱର

## ଦଶହରା ପାଇଁ ଭଲ ଫିଲ୍ମ”



ପୂଜା ପାଇଁ ‘ଚ୍ୟାଲେଞ୍ଜ’ ଫିଲ୍ମଟି ବହୁତ ଭଲ ହୋଇଛି । ସ୍କ୍ରିନ୍ ପ୍ଲେ ଓ ଆକ୍ସନ ଭଲ ରହିଛି । ଅବଶ୍ୟ ଚାହିଁଥିଲେ, ସ୍କ୍ରିନ ପ୍ଲେ ଆଉ ଟିକେ ଭଲ ହୋଇପାରିଥାନ୍ତି । ଫିଲ୍ମଟି ବିଶେଷ କରି ଭାଇଭଉଣୀଙ୍କ କାହାଣୀ ଉପରେ ପର୍ଯ୍ୟବସିତ । ଫିଲ୍ମର କାହାଣୀ ଓ ଫାଇଟ୍ ସିନ ଭଲ ରହିଛି । ଏଥିରେ ସମସ୍ତ କଳାକାରମାନେ ଭଲ ଅଭିନୟ କରିଛନ୍ତି । କିଛି ଭିନ୍ନ କରିବାକୁ ଟ୍ରାଏ କରିଛନ୍ତି । ଏଥିରେ ବଲିଉଡ୍ କଳାକାର ପୁନିତଙ୍କୁ ଖଳନାୟକ ଭୂମିକାରେ ଦେଖିବାକୁ ମିଳିଛି । ମୋଟାମୋଟି ଭାବେ ଦେଖିବାକୁ ଗଲେ ଫିଲ୍ମଟି ଭଲ ହୋଇଛି । ଏଭଳି ଫିଲ୍ମ ତିଆରି ହେଲେ, ଲୋକେ ପ୍ରେକ୍ଷାଳୟ ମୁହାଁ ହେବେ ।

**ବିଷ୍ଣୁ ପ୍ରସାଦ ପାଇକରାୟ**
ଭୁବନେଶ୍ୱର

